# ୪ ସପ୍ତାହରେ କାର୍ଯ୍ୟାନୁଷ୍ଠାନ ରିପୋର୍ଟ ଦାଖଲ କର: ଏନ୍‌ଏଚ୍‌ଆର୍‌ସି

**ଯାଜପୁର,୨୧।୬(ହର୍ଷବର୍ଦ୍ଧନ ବେହେରା)**

ଯାଜପୁର ଜିଲା ଜେନାପୁର ଥାନା ଅନ୍ତର୍ଗତ ରାହାଡ଼ପୁରସ୍ଥିତ ଏକ ଷ୍ଟୋନ କ୍ରଶର ୟୁନିଟ୍‌ର କର୍ମଚାରୀମାନେ ଗତ ଶ୍ରମିକ ଦିବସରେ ଜଣେ ଶ୍ରମିକଙ୍କୁ ପିଟି ପିଟି ହତ୍ୟା କରିଥିବା ଅଭିଯୋଗ ହୋଇଥିଲା। ମୃତ ଶ୍ରମିକ ହେଲେ ଜାରକା ଗ୍ରାମର ଅରଜିତ ଜେନା(୨୨)। ଏହି ଘଟଣାରେ ଜାତୀୟ ମାନବାଧିକାର କମିଶନ(ଏନ୍‌ଏଚ୍‌ଆର୍‌ସି)ଙ୍କ ପକ୍ଷରୁ ଡେପୁଟି ରେଜିଷ୍ଟ୍ରାର ଇନ୍ଦ୍ରଜିତ କୁମାର ୪ ସପ୍ତାହ ମଧ୍ୟରେ କାର୍ଯ୍ୟାନୁଷ୍ଠାନ ରିପୋର୍ଟ ଦାଖଲ କରିବାକୁ ଯାଜପୁର ଏସ୍‌ପି, ଓଡ଼ିଶା ଶ୍ରମ ଆୟୁକ୍ତ ଓ ଯାଜପୁର ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ଅଭିଯୋଗ ଅନୁଯାୟୀ ରାହାଡ଼ପୁରର ପଦ୍ମାବତୀ କ୍ରଶରରେ କାର୍ଯ୍ୟରତ ଅରଜିତ ୨୭।୪।୨୦୨୫ରୁ ନିଖୋଜ ଥିଲେ। ପରିବାରର ଲୋକେ ଅରଜିତଙ୍କ ମୋବାଇଲ ଫୋନ୍‌କୁ ଯୋଗାଯୋଗ କରି ପାରି ନ ଥିଲେ। ଫଳରେ ତାଙ୍କ ମା'ବାପା ଖୋଜାଖୋଜି କରି ରାହାଡ଼ପୁର କ୍ରଶରରେ ପହଞ୍ଚି ସେଠାକାର କର୍ମଚାରୀମାନଙ୍କୁ ପୁଅ ବିଷୟରେ ପଚାରି ବୁଝିଥିଲେ। ସେଠାରେ ଜାଣିବାକୁ ପାଇଲେ ଯେ, ତାଙ୍କ ପୁଅଙ୍କୁ କ୍ରଶର ମାଲିକଙ୍କ ବାସଭବନରେ ରଖାଯାଇଛି। ସେଠାରେ ପହଞ୍ଚି ପୁଅ ଅରଜିତଙ୍କୁ ସଙ୍କଟାପନ୍ନ ଭାବରେ ଉଦ୍ଧାର କରିଥିଲେ। ଅରଜିତଙ୍କ ଶରୀରର ବିଭିନ୍ନ ଅଙ୍ଗରେ ଗରମ ଲୁହା ରଡ୍ ଚେଙ୍କ ଦିଆଯାଇଥିବା ସହ ତାଙ୍କୁ ଲୁହା ଶିକୁଳିରେ ବାନ୍ଧି ରଖାଯାଇଥିଲା। ପୁଅର ଛାତିରେ ଆକ୍ରମଣ ହୋଇଥିବାରୁ ସେ ଠିକ୍ ଭାବେ କଥା ହୋଇପାରୁ ନ ଥିଲେ। ସେଠାରେ କ୍ରଶରର କର୍ମଚାରୀମାନେ ଅନ୍ୟ କେତେଜଣ ଶ୍ରମିକଙ୍କୁ ମଧ୍ୟ ବନ୍ଦୀ କରି ରଖିଥିଲେ। ମା'ବାପା ବହୁତ କାକୁତିମିନତି ହେବାରୁ ସାଦା କାଗଜରେ ଦସ୍ତଖତ ଓ କେତେକ ସର୍ତ୍ତ ରଖି କ୍ରଶର କର୍ମଚାରୀମାନେ ଅରଜିତଙ୍କୁ ଛାଡ଼ିଥିଲେ। ଏହାପରେ ସେମାନେ ଅରଜିତ୍‌ଙ୍କୁ ୨୮ ତାରିଖ ସକାଳେ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଅରଜିତଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ କଟକ ବଡ଼ ମେଡିକାଲକୁ ନିଆଯାଇଥିଲା। ହେଲେ ସେଠାରେ ଶ୍ରମିକ ଦିବସରେ ଅର୍ଥାତ୍ ମେ ୧ ତାରିଖରେ ରାତି ୩ଟା ୩୦ରେ ଅରଜିତଙ୍କ ମୃତ୍ୟୁ ହୋଇଥିଲା। ଏନେଇ ଅରଜିତଙ୍କ ବାପା ଅଜୟ ଜେନାଙ୍କ ଅଭିଯୋଗ କ୍ରମେ ଜେନାପୁର ଥାନା ପୋଲିସ ୩ ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଏନେଇ ମାନବାଧିକାର କର୍ମୀ ସାଗର କୁମାର ଜେନା ଏନ୍‌ଏଚ୍‌ଆର୍‌ସିରେ କରିଥିବା ଆବେଦନକୁ ଆଧାର କରି ୬୮୫/୧୮/୨୪/୨୦୨୫ ନମ୍ବରରେ ଏକ ମାମଲା ରୁଜୁ ହୋଇଥିଲା।

**ଶ୍ରମିକ ଦିବସରେ ଶ୍ରମିକଙ୍କୁ ପିଟି ହତ୍ୟା ମାମଲା**


ଅରଜିତ ଜେନା

# ଚୋରି ଅଭିଯୋଗରେ ୨ ନାବାଳକଙ୍କୁ ପୋଲିସ ଜିମା

**ଧର୍ମଶାଳା/କାଏମା,୨୧।୬ (ବଟକୃଷ୍ଣ ପରିଡ଼ା/ଶିବପ୍ରସାଦ ମହାନ୍ତି):**

ଧର୍ମଶାଳା ଥାନା ଅନ୍ତର୍ଗତ ନରସିଂହପୁର ଗ୍ରାମର ସତ୍ୟଭାମା ତରାଇଙ୍କ ଘରୁ ଶୁକ୍ରବାର ରାତିରେ ଚୋରି କରିଥିବା ଅଭିଯୋଗରେ ୨ ନାବାଳକଙ୍କୁ ଲୋକେ କାବୁ କରି ପୋଲିସ ଜିମା ଦେଇଛନ୍ତି।

ସତ୍ୟଭାମାଙ୍କ ଘର ନଦୀ ବନ୍ଧ ପାର୍ଶ୍ୱରେ। ତାଙ୍କ ଘର ପାଖରେ ବିଶେଷ ଘର ନାହିଁ। ରାତିରେ ପରିବାର ଲୋକ ଶୋଇଥିବାବେଳେ କେହି ଦୁର୍ବୃତ୍ତ ପଶି ଲକ୍ଷାଧିକ ଟଙ୍କାର ସୁନା ଅଳଙ୍କାର ସହ ୫୦ ହଜାରରୁ ଅଧିକ ଟଙ୍କା ଚୋରି କରିଥିଲେ। ପରିବାର ଲୋକେ ଉଠି ଖୋଜା ଖୋଜି କରିବା ପରେ ଘର ପଛ ପଟ ରାସ୍ତାରେ ଦୁର୍ବୃତ୍ତ ଯାଇଥିବା ଜାଣିବାକୁ ପାଇଥିଲେ। ଫଳରେ ସନ୍ଦେହରେ ଶନିବାର ସକାଳେ ଗ୍ରାମବାସୀ ମିଳିତ ଭାବେ ଯାଇ ନୀଳକଣ୍ଠପୁର ନିକଟ ଏକ ଘର ପାଖରୁ ୨ ନାବାଳକଙ୍କୁ କାବୁ କରିଥିଲେ। ସେମାନେ ଚୋରି କରି ନୀଳକଣ୍ଠପୁର ଗ୍ରାମର ଜଣଙ୍କ ଘରେ ଦେଇଥିବା ମାନିଥିଲେ। ପରେ ପୋଲିସ ପହଞ୍ଚି ସମ୍ପୃକ୍ତ ନାବାଳକ ଦ୍ୱୟଙ୍କୁ ଥାନାକୁ ଆଣି ପଚରାଉଚରା କରିଥିଲା। ଏହାପରେ ପୋଲିସ ସମ୍ପୃକ୍ତ ନାବାଳକଙ୍କ ପରିବାର ଲୋକଙ୍କୁ ଡକାଇ ଜିମା ଦେଇଥିଲା। ଗତ ଦୁଇ ମାସ ପୂର୍ବରୁ ସ୍ୱାଇଁ ସାହି ଗ୍ରାମର ନରେଶ ସ୍ୱାଇଁଙ୍କ ଘରୁ ଦଶ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ସୁନା ଅଳଙ୍କାର ଚୋରି ହୋଇଥିଲା। ଏହି ନାବାଳକମାନେ ଚୋରି କରି ନୀଳକଣ୍ଠପୁର ଗ୍ରାମରେ ଦେଇଥିବା ନରେଶ କହିଛନ୍ତି। ପୋଲିସ ଘଟଣାର ତଦନ୍ତ କରୁଥିବା ଥାନା ଅଧିକାରୀ ରଞ୍ଜନ କୁମାର ମାଝୀ ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ଉକ୍ତ ଅଞ୍ଚଳରେ ଦିନକୁ ଦିନ ଚୋରି ବଢୁଥିବାବେଳେ ଚୋରି ସାମଗ୍ରୀ ମଦ ବ୍ୟବସାୟୀଙ୍କୁ ବିକ୍ରି କରାଯାଉଥିବା ଅଭିଯୋଗ ହୋଇଛି।

# ଡାଇରିଆ ନିୟନ୍ତ୍ରଣ ପାଇଁ ସ୍ୱତନ୍ତ୍ର ବୈଠକ


ବୈଠକରେ ଯୋଗଦେଇଥିବା ସରପଞ୍ଚ ଓ ଅନ୍ୟମାନେ।

**ରସୁଲପୁର,୨୧।୬(ରଞ୍ଜିତ ରାଉତ):**

ରସୁଲପୁର ବ୍ଲକ ଅନ୍ତର୍ଗତ ଭୋଟକା ପଞ୍ଚାୟତ କାର୍ଯ୍ୟାଳୟରେ ଡାଇରିଆ ନିୟନ୍ତ୍ରଣ ପାଇଁ ଶନିବାର ଏକ ସ୍ୱତନ୍ତ୍ର ବୈଠକ ସ୍ଥାନୀୟ ସରପଞ୍ଚ ସ୍ମୃତିରେଖା ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବଡ଼ରମ୍ପେଇ ଉପ-ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ରଞ୍ଜିତା ଦାଶ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ଗ୍ରାମ୍ୟ ଜଳ ଯୋଗାଣ କର୍ମଚାରୀ(ଏସଇଏମ) ସନ୍ତୋଷ କୁମାର ରାଉତ, ଏମ୍‌ବିକେ ସସ୍ମିତା ଆଏଚ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ରବୀନ୍ଦ୍ର ଦାସ, ଏଡିଇଓ ବିଶ୍ୱନାଥ ଜେନା ପ୍ରମୁଖ ଯୋଗଦେଇ ଡାଇରିଆ ନିୟନ୍ତ୍ରଣ ପାଇଁ ଜନ ସଚେତନତାକୁ ବ୍ୟାପକ କରିବା, ସରକାରୀ ଓ ବେସରକାରୀ ଜଳଉତ୍ସକୁ ବିଶୋଧନ କରିବା, ଜନସାଧାରଣଙ୍କୁ ସଚେତନ କରିବା, ସାମୂହିକ ସଫେଇ କାର୍ଯ୍ୟକ୍ରମ ଜାରି ରଖିବା ଓ ଜନବସିତ ସ୍ଥଳରେ ରହୁଥିବା ପ୍ରତ୍ୟେକ ଜଳ ଉତ୍ସକୁ ବିଶୋଧନ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ।

ବୈଠକରେ ନାଏବ ସରପଞ୍ଚ କେଦାର ଦେଓ, ୱାର୍ଡସଭ୍ୟା ସୁକାନ୍ତି ସାହୁ, ରଞ୍ଜିତା ମଲିକ, ସୁଭଦ୍ରା ସାହୁ, ଶ୍ୟାମସୁନ୍ଦର ସାହୁ, ସଦାନନ୍ଦ ପଣ୍ଡା, ନୃସିଂହ ମଲିକ, ଅଙ୍ଗନୱାଡି କର୍ମୀ ନିରୁପମା କର, ରଶ୍ମିତା ସାହୁ, ସବିତା ସାହୁ, ସଂଯୁକ୍ତା ସ୍ୱାଇଁ, ଦେବସ୍ମିତା ପରିଡ଼ା, ଶାନ୍ତିଲତା ପଣ୍ଡା, ଆଶାକର୍ମୀ ଶାନ୍ତିଲତା ଦାସ, ସୁଲୋଚନା ଦାସ, ମମତା ମହାନ୍ତି ଓ ଶ୍ରଦ୍ଧାଞ୍ଜଳି ପାଣି ପ୍ରମୁଖ ଯୋଗଦେଇ ସେମାନଙ୍କ ସମସ୍ୟା ଜଣାଇଥିଲେ। ରଞ୍ଜନ କୁମାର ସାହୁ ଧନ୍ୟବାଦ ଦେଇଥିଲେ।

# ନଦୀରେ ଦୂଷିତ ଜଳ ପ୍ରବାହ ବନ୍ଦ କରିବାକୁ ଦାବି

**ରସୁଲପୁର,୨୧।୬(ରଞ୍ଜିତ ରାଉତ):**

**ରସୁଲପୁର ବ୍ଲକରେ ଜଳ ଉତ୍ସକୁ ନେଇ ବଢୁଛି ସନ୍ଦେହ**

ରସୁଲପୁର ବ୍ଲକ ଅଞ୍ଚଳରେ ଡାଇରିଆ ରୋଗୀଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ଆକ୍ରାନ୍ତଙ୍କ ସଂଖ୍ୟା ୩୫୦ ଟପିଲାଣି। ଏଥିମଧ୍ୟରୁ ୨୦ରୁ ଊର୍ଦ୍ଧ୍ୱ ବରିଷ୍ଠ ନାଗରିକଙ୍କ ସ୍ୱାସ୍ଥ୍ୟବସ୍ଥା ଗୁରୁତର ରହିଛି। ସେମାନଙ୍କୁ ଉଚ୍ଚ ତର ଚିକିତ୍ସା ପାଇଁ ଯାଜପୁର ଜିଲା ମୁଖ୍ୟ ଚିକିତ୍ସାଳୟ ଓ କଟକ ବଡ଼ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଅନ୍ୟପକ୍ଷରେ ଡାଇରିଆକୁ ନିୟନ୍ତ୍ରଣ କରିବାକୁ ପ୍ରଶାସନ ପକ୍ଷରୁ ପ୍ରୟାସ ଜାରି ରହିଛି। ଡାଇରିଆ ରୋଗ ବ୍ୟାପିବାର କାରଣ ଖୋଜା ଚାଲିଛି। ଦୂଷିତ ପାଣି, ଖାଦ୍ୟ ଯୋଗୁ ରୋଗ ବ୍ୟାପୁଛି ବୋଲି ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ପ୍ରଶାସନିକ ଅଧିକାରୀଙ୍କ ପକ୍ଷରୁ ଜଳ ଉତ୍ସଗୁଡ଼ିକୁ ବିଶୁଦ୍ଧ କରିବା ଉପରେ ଗୁରୁତ୍ୱ ଦିଆଯାଇଛି। ନଳକୂପ, କୂପ ଆଦିରେ ବ୍ଲିଚିଂ ପକାଇ ପାଣିକୁ ବିଶୋଧନ କରାଯାଉଛି। ଗାଁ, ଛକବଜାର, ରାସ୍ତାପାର୍ଶ୍ୱ ଆଦି ସ୍ଥାନରେ ଥିବା ଜଳଖିଆ ଦୋକାନ, ହୋଟେଲ ଆଦିକୁ ବନ୍ଦ କରାଯାଇଛି। ତେଣୁ ନଦୀରେ ଦୂଷିତ ଜଳ ପ୍ରବାହିତ ତୁରନ୍ତ ବନ୍ଦ କରିବାକୁ ସ୍ଥାନୀୟ ଅଞ୍ଚଳର ଜନସାଧାରଣ ଓ ଜନପ୍ରତିନିଧି ଦାବି କରିଛନ୍ତି।

ବ୍ଲକର ଉଭୟ ସୀମାରେ ବ୍ରାହ୍ମଣୀ ଓ ଖରସ୍ରୋତା ନଦୀ ପ୍ରଭାବିତ ହେଉଛି। ନଦୀକୂଳ ଗାଁଗୁଡ଼ିକରେ ଅଧିକ ଡାଇରିଆ ରୋଗୀ ଚିହ୍ନଟ ହେଉଥିବା ଲକ୍ଷ୍ୟ କରାଯାଉଛି। ମଧୁବନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନ ପ୍ରଥମାଖଣ୍ଡି ପଞ୍ଚାୟତର ଗୋପାଳପୁର, ନଠୁଆବର, ଓଡ଼ିଶୋ, ସାମନ୍ତରାପୁର ଆଦି ପଞ୍ଚାୟତରେ ସର୍ବାଧିକ ରୋଗୀ ଚିହ୍ନଟ ହୋଇଛନ୍ତି। ଏ ସବୁ ପଞ୍ଚାୟତଗୁଡ଼ିକ ବ୍ରାହ୍ମଣୀ ନଦୀର ଅବବାହିକାରେ ରହିଛି। ଫଳରେ ଲୋକେ ନଦୀରେ ଗାଧୋଇବା ସହ ଶୌଚ ହେଉଛନ୍ତି। ନଦୀରେ ପ୍ରବାହିତ ହେଉଥିବା କଳକାରଖାନାର ଦୂଷିତ ଜଳ ଡାଇରିଆର ବାହକ ବୋଲି ଅନୁମାନ କରାଯାଉଛି। ସରକାରୀସ୍ତରରେ ନଳକୂପ, କୂପ ଆଦିକୁ ବିଶୋଧନ କରାଯାଉଥିଲେ ମଧ୍ୟ ନଦୀ ପାଣିର ମାନ ପରୀକ୍ଷା ଉପରେ ଗୁରୁତ୍ୱ ଦିଆଯାଉ ନାହିଁ। ନଦୀ ପାଣି ପରୀକ୍ଷା କରାଗଲେ ବାସ୍ତବ ସ୍ଥିତି ପଦାକୁ ଆସିପାରନ୍ତା ବୋଲି ନଦୀକୂଳ ଅଞ୍ଚଳ ଲୋକେ ମତବ୍ୟକ୍ତ କରିଛନ୍ତି।

ଏ ସମ୍ପର୍କରେ ବିଡିଓ ସତ୍ୟାନନ୍ଦ ଦାଶଙ୍କୁ ପଚାରିବାରୁ ସେ କହିଛନ୍ତି, ଜଳ ଉତ୍ସଗୁଡ଼ିକୁ ବିଶୋଧନ କରିବା ପାଇଁ ଗ୍ରାମ୍ୟ ଜଳ ଯୋଗାଣ ବିଭାଗ ପକ୍ଷରୁ ପଦକ୍ଷେପ ନିଆଯାଇଛି। ନଦୀ ଜଳକୁ ବ୍ୟବହାର କରିବା ଦିଗରେ କାହାରିକୁ ବାରଣ କରାଯାଇ ନାହିଁ। ଅନ୍ୟ କୌଣସି ପଦକ୍ଷେପ ସମ୍ପର୍କରେ ତାଙ୍କ ପାଖରେ ସୂଚନା ନାହିଁ। ଉପରିସ୍ଥ ଅଧିକାରୀଙ୍କ ପକ୍ଷରୁ ଡାଇରିଆ ନିୟନ୍ତ୍ରଣ ପାଇଁ ଦୈନନ୍ଦିନ ଯାହା ନିର୍ଦ୍ଦେଶ ଆସୁଛି ତାହାକୁ ଅନୁପାଳନ କରାଯାଉଛି ବୋଲି ଦାଶ ପ୍ରକାଶ କରିଛନ୍ତି।

# ୨ ମୃତକଙ୍କ ପରିବାରକୁ ଭେଟିଲେ ପୂର୍ବତନ ମନ୍ତ୍ରୀ


ଜଣେ ମୃତକଙ୍କ ଘରେ ପହଞ୍ଚି ସମବେଦନା ଜଣାଉଛନ୍ତି ପ୍ରୀତିରଞ୍ଜନ ଘଡାଇ।

**କୋରେଇ,୨୧।୬(ଚନ୍ଦ୍ରକାନ୍ତ ପତି):**

କୋରେଇ ବ୍ଲକ ଅନ୍ତର୍ଗତ କାଚରାସାହି ଗ୍ରାମର ନବଘନ ବାରିକ ଓ ନହଣକୁଳ ଗ୍ରାମର ପୂର୍ବତନ ସରପଞ୍ଚ ରାମଚନ୍ଦ୍ର ଭଞ୍ଜଙ୍କ ଗତ ମଙ୍ଗଳବାର ପରଲୋକ ହୋଇଯାଇଛି। ଏହି ଖବର ପାଇ ପୂର୍ବତନ ମନ୍ତ୍ରୀ ପ୍ରୀତିରଞ୍ଜନ ଘଡ଼ାଇ ଶନିବାର ଉଭୟ ପରିବାରକୁ ଭେଟି ସମବେଦନା ଜଣାଇଛନ୍ତି। ପ୍ରୀତିରଞ୍ଜନଙ୍କ ଏହି ଗସ୍ତ ସମୟରେ ୧ନଂ. ଜୋନ ଜିଲା ପରିଷଦ ସଭ୍ୟା ସସ୍ମିତା ତରାଇ, ବ୍ରଜକିଶୋର ରାଉତ, ସନ୍ତୋଷ ତରାଇ ଓ ନୀଳକଣ୍ଠ ସେନାପତି ପ୍ରମୁଖ ଉପସ୍ଥିତ ଥିଲେ।

# ରୋଟାରି କ୍ଲବ ତରଫରୁ ଛତା ବଣ୍ଟନ


ଜଣେ ବୃଦ୍ଧ ବ୍ୟକ୍ତିଙ୍କୁ ଛତା ଦିଆଯାଉଛି।

**ଧର୍ମଶାଳା,୨୧।୬(ବଟକୃଷ୍ଣ ପରିଡ଼ା):**

ଜାରକା ରୋଟାରି କ୍ଲବ ତରଫରୁ ଗରିବ, ଅସହାୟ ଓ ଭିକ୍ଷା ବୃତ୍ତି କରୁଥିବା ଲୋକଙ୍କୁ ଶନିବାର ଛତା ବଣ୍ଟନ କରାଯାଇଛି। ଜାରକା ବଜାର, ଶାନ୍ତି ବଜାର ଓ ଧର୍ମଶାଳା ହାଟ ଆଦି ସ୍ଥାନରେ ମୋଟ୍ ୨୦ ଜଣଙ୍କୁ ଛତା ଯୋଗାଇ ଦିଆଯାଇଛି। କ୍ଲବ ସଭାପତି ରାଜେନ୍ଦ୍ର ପ୍ରସାଦ ପଲେଇ, ସମ୍ପାଦକ ଜୟପ୍ରକାଶ ତ୍ରିପାଠୀ, ବରିଷ୍ଠ ସଭ୍ୟ ଲକ୍ଷ୍ମୀକାନ୍ତ ଚ୍ୟାଉପଟ୍ଟନାୟକ, ଧରଣୀଧର ଦାଶ, ପ୍ରମୋଦ ସାମଲ, ଜୟଗୁରୁ ପାତ୍ର ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।

# ବଳାତ୍କାରୀଙ୍କୁ ୧୦ ବର୍ଷ ଜେଲ୍

**ଯାଜପୁରଟାଉନ,୨୧।୬ (ପ୍ରଯୁକ୍ତା ପ୍ରିୟଦର୍ଶିନୀ ମହାନ୍ତି):**

ଜଣେ ୧୪ ବର୍ଷୀୟା ନାବାଳିକାଙ୍କୁ ଅପହରଣ ପରେ ବଳାତ୍କାର ମାମଲାର ଶନିବାର ଚୂଡ଼ାନ୍ତ ରାୟ ପ୍ରକାଶ ପାଇଛି। ଯାଜପୁର ସ୍ୱତନ୍ତ୍ର ପୋକ୍‌ସୋ ବିଚାରପତି ଶରତ କୁମାର ଦେହୁରୀ ମାମଲାର ବିଚାର କରି ଦୋଷୀଙ୍କୁ ୧୦ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିବା ସହ ୧୦ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅର୍ଥ ଅନାଦେୟରେ ଅଭିଯୁକ୍ତଙ୍କୁ ଅଧିକ ୨ବର୍ଷ ଜେଲ୍ ଦଣ୍ଡାଦେଶ ଦେଇଛନ୍ତି। ଏଥିସହିତ ପୀଡ଼ିତାଙ୍କୁ ୭ଲକ୍ଷ ଟଙ୍କା କ୍ଷତି ପୂରଣ ଦେବାକୁ ଜିଲା ଆଇନ ସେବା ପ୍ରାଧିକରଣକୁ ନିର୍ଦ୍ଦେଶ ଦେଇଛନ୍ତି।

ମାମଲାର ବିବରଣୀ ଅନୁସାରେ, ଯାଜପୁର ଜିଲା କୁଆଖିଆ ଥାନା ନୂଆ ମିର୍ଜାପୁର ଗ୍ରାମର ସଞ୍ଜୟ ମଲ୍ଲିକ(୩୦) ୨୦୧୮ ଜୁଲାଇ ୧୨ତାରିଖ ରାତିରେ ସମ୍ପୃକ୍ତ ନାବାଳିକାଙ୍କୁ ଅପହରଣ କରି ଚେନ୍ନାଇକୁ ନେଇ ପଳାଇଥିଲେ। ସେଠାରେ ନାବାଳିକାଙ୍କୁ ଜୋର ଜବରଦସ୍ତ ବିବାହ କରିବା ସହ ୧୫ଦିନ ଧରି ତାଙ୍କୁ ବଳାତ୍କାର କରିଥିଲେ। ପରେ ନାବାଳିକାଙ୍କୁ ଧରି ଘରକୁ ପଳାଇ ଆସିଥିଲେ। ଏନେଇ ନାବାଳିକାଙ୍କ ମା' କୁଆଖିଆ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ନଂ. ୧୧୦/୧୮ରେ ଏକ ଅପହରଣ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଘଟଣାର ୧୮ଦିନ ପରେ ପୋଲିସ ନାବାଳିକାଙ୍କୁ ଅଭିଯୁକ୍ତଙ୍କ ଘରୁ ଉଦ୍ଧାର କରିବା ସହ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ନାବାଳିକାଙ୍କୁ ଡାକ୍ତରୀମାଇନା କରାଯିବାରୁ ସେ ବଳାତ୍କାରର ଶିକାର ହୋଇଥିବା ପୋଲିସ ଜାଣିବାକୁ ପାଇଥିଲା। ମାମଲାକୁ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ପାର୍ଥ ରାୟ ପରିଚାଳନା କରୁଥିଲେ।

# ଡାଇରିଆ ସ୍ଥିତିରେ ସୁଧାର ଆସିଲା

**ଧର୍ମଶାଳା,୨୧।୬(ବଟକୃଷ୍ଣ ପରିଡ଼ା):**

ଯାଜପୁର ଜିଲା ଧର୍ମଶାଳା ବ୍ଲକ ଅଞ୍ଚଳରେ ଡାଇରିଆ ସ୍ଥିତିରେ ୧୨ ଦିନ ପରେ ସୁଧାର ଆସିଛି। ଧର୍ମଶାଳା ବ୍ଲକ ଅଞ୍ଚଳ ଯାଜପୁର ଜିଲାର ହଟ୍‌ସ୍ପଟ୍ ପାଲଟିଥିଲା। ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଶୁକ୍ରବାର ରାତି ୧୨ରୁ ଶନିବାର ସନ୍ଧ୍ୟା ୬ଟା ସୁଧା ୨ ନୂଆ ରୋଗୀ ଭର୍ତ୍ତି ହୋଇଛନ୍ତି। ୪୨ଜଣ ଚିକିତ୍ସିତ ହେଉଛନ୍ତି। ତେବେ ବିଭିନ୍ନ ଅଞ୍ଚଳରୁ ରୋଗୀ ଆସୁଥିବାରୁ ମେଡିକାଲ ଟିମ୍ ଓ ସ୍ଥାନୀୟ ପ୍ରଶାସନ ପକ୍ଷରୁ ଗାଁ ଗାଁରେ ସଚେତନତା କାର୍ଯ୍ୟକ୍ରମ କରାଯାଉଥିବା ସୂଚନା ମିଳିଛି।

# ବାଲି ଗାଡ଼ି ଅଟକାଇ ପୋଲିସ ଜିମା ଦେଲେ ଲୋକେ

**ରସୁଲପୁର,୨୧।୬(ରଞ୍ଜିତ ରାଉତ):**

ରସୁଲପୁର ବ୍ଲକ ଅଞ୍ଚଳ ଦେଇ ବ୍ରାହ୍ମଣୀ, ଖରସ୍ରୋତା ନଦୀ ପ୍ରବାହିତ ହେଉଛି। ଏହି ୨ ନଦୀରୁ ବାଲି ଚୋରା ଚାଲାଣ କରାଯାଉଥିବା ଅଭିଯୋଗ ହେଉଛି। ମାତ୍ର ପ୍ରଶାସନ କୌଣସି ପଦକ୍ଷେପ ନେଉ ନ ଥିବାରୁ ଜନସାଧାରଣଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ବେଆଇନ ବାଲି ପରିବହନ ରୋକିବାରେ ପ୍ରଶାସନ ବିଫଳ ହେବାରୁ ଲୋକେ ରାସ୍ତାକୁ ଓହ୍ଲାଇଛନ୍ତି। ଏଭଳି ସ୍ଥିତି ବାରବାଟୀ ପଞ୍ଚାୟତର ମାଣତୀର ଗାଁ ନିକଟରେ ଦେଖିବାକୁ ମିଳିଛି। ଶନିବାର ରାତି ପ୍ରାୟ ୮ଟାରେ ଗାଁଲୋକେ ବାରବାଟୀ-ନଠୁଆବର ପୂର୍ତ୍ତ ବିଭାଗ ରାସ୍ତା ଦେଇ ବାଲି ବୋଝେଇ ହୋଇ ଯାଉଥିବା ୩ ହାଇୱା ଓଡି୨୨-ଏମ-୯୯୪୪, ଓଡି୨୨-ଇ-୭୮୨୨, ଓଡି୨୨-ଏଲ-୫୩୪୪କୁ ଅଟକାଇ ପୋଲିସ ଜିମା ଦେଇଛନ୍ତି। ବାଲି ବୋଝେଇ ହାଇୱା ଅଟକାଇବା ସମୟରେ ବାଲି ପରିବହନରେ ସଂପୃକ୍ତ ବ୍ୟକ୍ତି ଓ ଗାଁ ଲୋକଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଖବର ପାଇ ଧର୍ମଶାଳା ଥାନା ପୋଲିସ ପହଞ୍ଚି ଶାନ୍ତିଶୃଙ୍ଖଳା ରକ୍ଷା କରିଥିଲା।


ଗ୍ରାମବାସୀ ଅଟକାଇଥିବା ଏକ ବାଲି ବୋଝେଇ ହାଇୱା।

ପୋଲିସ ହାଇୱାଗୁଡ଼ିକୁ ଜବତ କରିବାବେଳେ ଲୋକେ ଲଘୁଖଣିଜ ଜାତ ଦ୍ରବ୍ୟ ପରିଚାଳନା ଦାୟିତ୍ୱରେ ଥିବା ଯାଜପୁର ଉପଖଣି ନିର୍ଦ୍ଦେଶକ ଓ ରସୁଲପୁର ତହସିଲଦାର ଘଟଣାସ୍ଥଳକୁ ଆସିବା ପାଇଁ ଦାବି କରିଥିଲେ। ଏହାପରେ ଲୋକେ ଖଣି ଅଧିକାରୀ ଓ ତହସିଲଦାରଙ୍କ ସହ ଫୋନ ଯୋଗେ ଯୋଗାଯୋଗ କରିଥିଲେ। ଅଧିକାରୀମାନେ ଫୋନ ନ ଉଠାଇବାରୁ ଶେଷରେ ଗାଁ ଲୋକେ ହାଇୱାଗୁଡ଼ିକୁ ପୋଲିସ ଜିମା ଦେବାକୁ ବାଧ୍ୟ ହୋଇଥିଲେ। ବେଆଇନ ବାଲି ପରିବହନରେ ସଂପୃକ୍ତ ଥିବା ବ୍ୟକ୍ତି, ଗାଡି ଓ ମାଲିମାନଙ୍କ ବିରୋଧରେପ୍ରଶାସନ ଦୃଷ୍ଟାନ୍ତମୂଳକ ପଦକ୍ଷେପ ନେବାକୁ ଲୋକେ ଦାବି କରିଛନ୍ତି। ଏ ସମ୍ପର୍କରେ ଧର୍ମଶାଳା ଥାନା ଅଧିକାରୀ ରଞ୍ଜନ କୁମାର ମାଝୀଙ୍କୁ ପଚାରିବାରୁ ସେ କହିଛନ୍ତି, ଜବତ ଗାଡ଼ିଗୁଡ଼ିକର କାଗଜାତ୍ ଯାଞ୍ଚ କରାଯିବା ପରେ ଯାହା କିଛି ପଦକ୍ଷେପ ନିଆଯିବ।

# ଦୁର୍ଗନ୍ଧରେ ଫାଟୁଛି ବାଲିଚନ୍ଦ୍ରପୁର ବଜାର

**କେନାଲରେ ଆବର୍ଜନା ଭର୍ତ୍ତି**

**ଚଣ୍ଡିଖୋଲ,୨୧।୬(ପ୍ରଦୀପ୍ତ କୁମାର ପୃଷ୍ଟି):**



କଟକ ଜଗତପୁରଠାରୁ ବାହାରିଥିବା ପଟ୍ଟାମୁଣ୍ଡାଇ କେନାଲ ଏବେ ବିପଦରେ। ୩ଟି ଜିଲାର ଚାଷ ଜମିକୁ ଜଳ ଯୋଗାଣ ନିମନ୍ତେ ଜଳ ସମ୍ପଦ ବିଭାଗ ପକ୍ଷରୁ ହୋଇଥିବା ଏହି କେନାଲ ବଡ଼ଚଣା ବ୍ଲକ ଅନ୍ତର୍ଗତ ବାଲିଚନ୍ଦ୍ରପୁରଠାରେ ପୋତି ହୋଇଗଲାଣି। କେନାଲ ମଧ୍ୟରେ ଆବର୍ଜନା ଭର୍ତ୍ତି ହୋଇ ଥିବାରୁ ପରିବେଶ ଦୁର୍ଗନ୍ଧମୟ ହୋଇଛି। ଫଳରେ ଏହି ରାସ୍ତା ଦେଇ ଯାତାୟାତ କରିବା କଷ୍ଟକର ହୋଇପଡ଼ିଛି। ବର୍ତ୍ତମାନ ବଡ଼ଚଣା ବ୍ଲକ ଅଞ୍ଚଳରେ ଝାଡ଼ାବାନ୍ତି ବ୍ୟାପିଥିବାବେଳେ ଏହି କେନାଲରୁ ଆସୁଥିବା ଦୁର୍ଗନ୍ଧ ପରିବେଶକୁ ଅଧିକ କ୍ଷତି ପହଞ୍ଚାଇବ ବୋଲି ସାଧାରଣରେ ଅଭିଯୋଗ ହୋଇଛି। ସନ୍ଧ୍ୟା ହେଲେ କେନାଲ ରାସ୍ତା ଦେଇ ଯାତାୟାତ କରି ହେଉନାହିଁ। କେତେଜଣ ବ୍ୟବସାୟୀ ନର୍ଦ୍ଦମା ପାଣି କେନାଲକୁ ଛାଡୁଛନ୍ତି। ଏପରିକି ପାଇଖାନାରୁ ନିର୍ଗତ ପାଣିକୁ ମାଟି ତଳେ ପାଇପ ପୋତି କେନାଲ ମଧ୍ୟକୁ ଛଡ଼ା ଯାଉଥିବା ଅଭିଯୋଗ ହୋଇଛି। ସେହିପରି ପଚା ପରିବା, ପଚା ଫଳ, ହୋଟେଲ ଓ ଜଳଖିଆ ଦୋକାନଗୁଡ଼ିକର ସମସ୍ତ ଆବର୍ଜନା ଏହି କେନାଲକୁ ଫିଙ୍ଗାଯାଉଛି। ଯଦି ଏବେ କେନାଲରେ ପାଣି ଆସେ ତାହା ଦୂଷିତ ହୋଇ ରୋଗ ସୃଷ୍ଟି କରିବ। ତେଣୁ ଏଦିଗରେ ପ୍ରଶାସନ ତୁରନ୍ତ ଦୃଷ୍ଟିଦେବାକୁ ଦାବି ହୋଇଛି। ଏ ସମ୍ପର୍କରେ ଜଳସମ୍ପଦ ବିଭାଗ ସହକାରୀ ଯନ୍ତ୍ରୀ ଶାରଦା ପ୍ରସନ୍ନ ସେଠୀଙ୍କୁ ପଚାରିବାରୁ ସେ କହିଛନ୍ତି, ବାଲିଚନ୍ଦ୍ରପୁର ବଜାରର କେତେଜଣ ବ୍ୟବସାୟୀ କେନାଲ ମଧ୍ୟରେ ଆବର୍ଜନା ପକାଇ ନଷ୍ଟ କରୁଛନ୍ତି। ଆମେ ସେମାନଙ୍କୁ ଚିହ୍ନଟ କରି ସେମାନଙ୍କ ବିରୋଧରେ ଥାନାରେ ଅଭିଯୋଗ କରିବୁ।

ଧରିତ୍ରୀ 51 Years

ଭୁବନେଶ୍ୱର, ରବିବାର, ୨୨ ଜୁନ୍, ୨୦୨୫

ଉପକୂଳ | ୮







ଶନିବାର ଅନ୍ତର୍ଜାତୀୟ ଯୋଗ ଦିବସ ଅବସରରେ ରାଜନଗର, ମାର୍ଶାଘାଇ ବ୍ଲକ୍ ଓ ଡେରାବିଶ ମହାବିଦ୍ୟାଳୟରେ ଆୟୋଜିତ ଯୋଗ ଶିବିର।

# ମାର୍ଶାଘାଇରେ ଯୋଗ ଦିବସ ପାଳିତ

**ମାର୍ଶାଘାଇ,୨୧।୬(ଶୁଭେନ୍ଦୁ ପ୍ରସାଦ ଚୌଧୁରୀ)**

ମାର୍ଶାଘାଇର ବିଭିନ୍ନ ସ୍ଥାନ ରେ ଯୋଗ ଦିବସ ପାଳିତ ହୋଇଯାଇଛି। ମାର୍ଶାଘାଇ ମହାବିଦ୍ୟାଳୟ ଗାନ୍ଧୀମଣ୍ଡପ ପରିସରରେ ଜାତୀୟ ସେବା ଯୋଜନା ଏବଂ ଉଚ୍ଚଶିକ୍ଷା ବିଭାଗର ମିଳିତ ସହାଭାଗିତାରେ ଯୋଗଦିବସ ପାଳିତ ହୋଇଯାଇଛି । ମହାବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ପ୍ରାଧ୍ୟାପକ ଦୀପକ କୁମାର ଦାସ ଯୋଗାଭ୍ୟାସ ଶିବିରକୁ ଉଦଘାଟନ କରି ସ୍ୱାଗତ ଅଭିଭାଷଣ ପ୍ରଦାନ କରି ଯୋଗ ଶରୀର, ମନ ଓ ଆତ୍ମା ମଧ୍ୟରେ ସନ୍ତୁଳନ ରକ୍ଷା କରି ଶାରୀରିକ ସୁସ୍ଥତା, ମାନସିକ ଦକ୍ଷତା ବୃଦ୍ଧିରେ ସହାୟକ ହୋଇଥାଏ ବୋଲି ମତ ଦେଇଥିଲେ। ପ୍ରାତଃ ୭ଟାରେ ମହାବିଦ୍ୟାଳୟ ଛାତ୍ରଛାତ୍ରୀ, ଅଧ୍ୟାପକ, ଅଧ୍ୟାପିକା ଓ ଶିକ୍ଷାକର୍ମଚାରୀଙ୍କୁ ନେଇ କ୍ରୀଡ଼ାଶିକ୍ଷକ ଯତୀନ ମହାନ୍ତିଙ୍କ ଦ୍ୱାରା ଯୋଗାଭ୍ୟାସ କରାଯାଇଥିଲା । ବାଳକ ବିଭାଗ ଜାତୀୟ ସେବା ଯୋଜନା କାର୍ଯ୍ୟକ୍ରମ ଅଧିକାରୀ ଅଧ୍ୟାପକ ସୁକାନ୍ତ କୁମାର ପ୍ରଧାନଙ୍କ ସଂଯୋଜନାରେ ଆୟୋଜିତ ଯୋଗାଭ୍ୟାସରେ ପ୍ରାଧ୍ୟାପକ ଉମେଶ ଚନ୍ଦ୍ର ଦାଶ, ଅଧ୍ୟାପକ ଖଗେଶ୍ୱର ନାୟକ, ମନୋଜ କୁମାର ରାଉତ, ଅଧ୍ୟାପିକା କାଞ୍ଚନବାଳା ସାହୁ, ଶିକ୍ଷାକର୍ମଚାରୀ ପ୍ରଶାନ୍ତ କୁମାର ବେହେରା, ବିଶ୍ୱଜିତ ବେହେରା, ଅନସୂୟା ସାହୁ, ଉଷାରାଣୀ ଦଳାଇ ପ୍ରମୁଖ ଯୋଗ ଦେଇଥିଲେ । ସେହିପରି ମାର୍ଶାଘାଇ ବ୍ଲକ କାର୍ଯ୍ୟାଳୟ ପ୍ରାଙ୍ଗଣରେ ଯୋଗ ଦିବସ ପାଳିତ ହୋଇଯାଇଛି. ତହସିଲଦାର ଶ୍ରୀକାନ୍ତ ପରିଜା. ବିଡ଼ିଓ ପଞ୍ଚାନନ ମଲ୍ଲିକ. ଜିପିଡିଓ ସୋନାଲି ବେଉରା. ବ ରାଜେନ୍ଦ୍ର ସାହୁ ସାମାଜିକ କର୍ମୀ ରଶ୍ମି ରଞ୍ଜନ ରାଉତରାୟ ପ୍ରମୁଖ ଉପସ୍ଥିତ ରହି ଯୋଗାସନ କରିଥିଲେ। ବିଭିନ୍ନ ଶିକ୍ଷାନୁଷ୍ଠାନମାନଙ୍କରେ ମଧ୍ୟ ଏହି ଦିବସ ପାଳିତ ହୋଇଯାଇଛି।

# ପଟ୍ଟାମୁଣ୍ଡାଇ,ମୂଳବସନ୍ତରେ ଯୋଗ ଦିବସ

**ପଟ୍ଟାମୁଣ୍ଡାଇ,୨୧।୬ (କଳ୍ପତରୁ ନାୟକ)**

ପଟ୍ଟାମୁଣ୍ଡାଇ ବ୍ଲକ ଓ ପୌର ପରିଷଦ ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ଏମଏନ ହାଇସ୍କୁଲ ଷ୍ଟାଡିୟମଠାରେ ଯୋଗ ଦିବସ ପାଳିତ ହୋଇଯାଇଛି । ପଟ୍ଟାମୁଣ୍ଡାଇ ବ୍ଲକ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ, ପୌର ପରିଷଦ ଅଧ୍ୟକ୍ଷ ହେମନ୍ତ ସାହୁ, ପୌର ପରିଷଦ ଡେପୁଟି ନିର୍ବାହୀ ଯନ୍ତ୍ରୀ ସମୀର ଠାକୁର, ସହକାରୀ ଯନ୍ତ୍ରୀ ସୁଶୀଲ ବେହେରା, ସିଓ ତପସ୍ୱିନୀ ଦାସ, ସରୋଜ ପଣ୍ଡା ପ୍ରଫୁଲ୍ଲ ଦାସ, ମନୋରଞ୍ଜନ ଦାସ, ହୃଷିକେଶ ନାଥ, ଗଙ୍ଗାଧର ନାୟକ ପ୍ରମୁଖ ପୌର ପରିଷଦ ଅଧିକାରୀ ବିଭିନ୍ନ ୱାର୍ଡ କାଉନସିଲର, ମାନ୍ୟଗଣ୍ୟ ବ୍ୟକ୍ତି ଯୁବ ଛାତ୍ର ଓ ମହିଳା ମାନେ ଯୋଗ ଦେଇ ଯୋଗାଭ୍ୟାସ କରିଥିଲେ । ସେହିପରି ପଟ୍ଟାମୁଣ୍ଡାଇ ବ୍ଲକ ବଡ଼ ମୂଳବସନ୍ତ ପଞ୍ଚାୟେତ ସାନମୂଳ ବସନ୍ତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଠାରେ ସରପଂଚ ସନ୍ତୋଷ କୁମାର ସେଠୀଙ୍କ ପୌରାହିତରେ ଯୋଗାଭ୍ୟାସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ ପଟ୍ଟାମୁଣ୍ଡାଇ ଉଦ୍ୟାନ ଅଧିକାରୀ ସୌମ୍ୟ ରଞ୍ଜନ ସେଠୀ, ପୂର୍ବତନ ସରପଞ୍ଚ କାନନବାଳା ଦାସ, ୧୬ଜୋନ ଭାଜପା ସଭାପତି ଜଗନ୍ନାଥ ପଣ୍ଡା ଯୋଗ ଦେଇ ଯୋଗ ମଣିଷକୁ ନିରୋଗ ରଖିବାରେ ସହାୟକ ହୋଇଥାଏ ବୋଲି ମତପ୍ରକାଶ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ସମିତି ସଭ୍ୟା ସ୍ମୃତିମୟୀ ମଳିକ, ଏଡିଇଓ ସ୍ୱର୍ଣ୍ଣପ୍ରଭା ମଣ୍ଡଳ, ପିଇଓ ସୁରେନ୍ଦ୍ର କୁମାର ଦାସ, ଦେବାନନ୍ଦ ଜେନା, ସୁବ୍ରତ କୁମାର ସ୍ୱାଇଁ, ନାରାୟଣ ସାହୁ,ସୁବ୍ରତ କୁମାର ଦାସ, ମନୋରନ ସେଠୀ, ରଶ୍ମିରନ ମିଶ୍ର, ସୁଧୀର ରନ ପ୍ରଧାନ ପ୍ରମୁଖ ଯୋଗ ଦେଇ ମୂଲ୍ୟବାନ ପରାମର୍ଶ ଦେଇଥିଲେ ।

# ଡେରାବିଶ ମହାବିଦ୍ୟାଳୟରେ ଯୋଗ ଦିବସ

**ଡେରାବିଶ,୨୧।୬(ବେବର୍ତ୍ତା ଅଜୟ ଦାସ)**

ମହାବିଦ୍ୟାଳୟରେ ଶନିବାର ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି। ଅଧ୍ୟକ୍ଷ ଚନ୍ଦ୍ରଶେଖର ନାୟକ ଏହି କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିବା ସହିତ ଉପସ୍ଥିତ ଅଧ୍ୟାପକ ଅଧ୍ୟାପିକା, ଛାତ୍ରୀଛାତ୍ର ଓ କର୍ମଚାରୀମାନଙ୍କୁ ଯୋଗର ଆବଶ୍ୟକତା ସମ୍ପର୍କରେ ବୁଝାଇଥିଲେ। ନିୟମିତ ଯୋଗ ଅଭ୍ୟାସ କରିବା ଦ୍ୱାରା ସୁସ୍ଥ ଓ ନିରୋଗ ଜୀବନଯାପନ ସହିତ ଏକ ପୃଥିବୀ ଏକ ସ୍ୱାସ୍ଥ୍ୟ ସମ୍ଭବ ହେବାର ଆଶା ଉଦ୍ରେକ ହୋଇପାରିଛି ବୋଲି ଅଧ୍ୟକ୍ଷ ନାୟକ କହିଥିଲେ। ଏହିଅବସରରେ ଯୋଗ ପ୍ରଶିକ୍ଷକ ସରସ୍ୱତୀ ସିଂହ ଓ ଶୁଭଶ୍ରୀ ସରିତା ରାଉତ ଛାତ୍ରୀଛାତ୍ର ଓ କର୍ମଚାରୀମାନଙ୍କୁ ଯୋଗାଭ୍ୟାସ କରାଇଥିଲେ। ମହାବିଦ୍ୟାଳୟର ପ୍ରାକ୍ତନ କ୍ରୀଡା ଓ ଯୋଗ ଶିକ୍ଷକ ଶରତ ଚନ୍ଦ୍ର ପୃଷ୍ଟି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଜିଲା ସମନ୍ୱୟ ଓ ପରିଚାଳନା କମିଟି ବୈଠକ




ବୈଠକରେ ଉପସ୍ଥିତ ଅଧିକାରୀ ଏବଂ ଅନ୍ୟମାନେ।

**କେନ୍ଦ୍ରାପଡ଼ା,୨୧।୬(ଜଗନ୍ନାଥ ଧଳ)**

କେନ୍ଦ୍ରାପଡ଼ା ଜିଲା ପରିଷଦ ସଭାଗୃହରେ ତୃତୀୟ ଜିଲା ସମନ୍ୱୟ ଓ ପରିଚାଳନା କମିଟି ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି । ଏମ୍‌ପି ବୈଜୟନ୍ତ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଜିଲା ବିକାଶକୁ ଗୁରୁତ୍ୱ ଦିଆଯାଇଥିଲା। ବୈଠକରେ କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା, ମହାକାଳପଡ଼ା ବିଧାୟକ ଦୁର୍ଗା ପ୍ରସନ ନାୟକ, ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ର, ଜିଲାପାଳ ସ୍ମୃତି ରଞ୍ଜନ ପ୍ରଧାନ, ଜିଲା ପରିଷଦ ଅଧ୍ୟକ୍ଷା ଲିଲିତା ଦାସ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଅଜାମ୍ବର ମହାନ୍ତି ପ୍ରମୁଖ ମଞ୍ଚାସୀନ ଥିଲେ। ପ୍ରଥମେ ଗତ ଦିଶା ବୈଠକର କାର୍ଯ୍ୟାନୁଷ୍ଠାନ ଉପରେ ଏମ୍‌ପି ସମୀକ୍ଷା ପରିଥିଲେ। ଏଜେଣ୍ଡା ଅନୁଯାୟୀ ବୈଠକରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଯୁକ୍ତି ନିଶ୍ଚିତ ଯୋଜନା, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ଜଳ ଜୀବନ ମିଶନ, ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା, ଧାନ ସଂଗ୍ରହ,ମଣ୍ଡିର ଭିତ୍ତିଭୂମି ବିକାଶ,ସମଗ୍ର ଶିକ୍ଷା ଅଭିଯାନ, ଶୀତଳ ଭଣ୍ଡାର ଆଦି ସମ୍ପର୍କରେ ସମୀକ୍ଷା ହୋଇଥିଲା | ଏହା ସହିତ ପ୍ରଧାନମନ୍ତ୍ରୀ ଆବାସ ଗୃହ ଯୋଜନାରେ ରାଶି ବୃଦ୍ଧି, ବିଭିନ୍ନ ପ୍ରକଳ୍ପର ବକେୟା ରାଶି ପ୍ରଦାନ,ପାନୀୟ ଜଳ, ଅସାଧୁ ଆକାରରେ ଅନବରତଭାବେ ନଦୀରୁ ବାଲି ଉଠାଣ ବିରୋଧରେ ଚଢାଉ ନିମନ୍ତେ ନିର୍ବାଚିତ ପ୍ରତିନିଧିମାନେ ଦୃଷ୍ଟି ଆକର୍ଷଣ କରିଥିଲେ। ସେହିପରି ଜାତୀୟ ରାଜପଥର ଡ୍ରେନେଜ ବ୍ୟବସ୍ଥାକୁ ନେଇ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ବୈଠକରେ ସମସ୍ତ ବ୍ଲକର ନିର୍ବାଚିତ ପ୍ରତିନିଧି, ଜିଲାସ୍ତରୀୟ ଅଧିକାରୀ, ବିଡ଼ିଓ, ତହସିଲଦାରମାନେ ଉପସ୍ଥିତ ଥିଲେ। ବୈଠକରେ ଗ୍ରହଣ କରାଯାଇଥିବା ନିଷ୍ପତ୍ତି ଉପରେ ବିଭାଗୀୟ ଅଧିକାରୀ ମାନେ କାର୍ଯ୍ୟକୁ ଠିକ ଭାବେ ପରିଚାଳନା ପାଇଁ ଜିଲାପାଳଙ୍କୁ ତଦାରଖ କରିବାକୁ ଏମ୍‌ପି ପଣ୍ଡା ନିର୍ଦ୍ଦେଶ ଦେଇଛନ୍ତି।

# ଯୋଗ ଦେହ ଓ ମନକୁ ସୁସ୍ଥ ରଖେ



କେନ୍ଦ୍ରାପଡ଼ା ସହରର ଇନ୍‌ଡୋର ଷ୍ଟାଡ଼ିୟମରେ ମନ୍ତ୍ରୀ ପ୍ରଦୀପ ବଳସାମନ୍ତଙ୍କ ସହ ଅନ୍ୟମାନେ ଯୋଗ କରୁଛନ୍ତି।

**କେନ୍ଦ୍ରାପଡ଼ା,୨୧।୬ (ଜଗନ୍ନାଥ ଧଳ)**

ଯୋଗ ବ୍ୟକ୍ତିକୁ ସୁସ୍ଥ ଓ ସୁନ୍ଦର ରଖେ। ମନ ଓ ଶରୀରକୁ ସନ୍ତୁଳିତ କରେ । ଏହାଦ୍ୱାରା ଶରୀର ନିରୋଗ, ସୁସ୍ଥ ଓ ଅଧିକ ଆୟୁପ୍ରଦ ହେବ ବୋଲି ବିଶ୍ୱ ଯୋଗ ଦିବସ ପାଳନ ଅବସରରେ ରାଜ୍ୟ ସରକାରଙ୍କ ସମବାୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ ଶନିବାର ମତ ରଖିଛନ୍ତି। କେନ୍ଦ୍ରାପଡ଼ା ଜିଲା ପ୍ରଶାସନ ପକ୍ଷରୁ ସହରର ସାମଗୁଡିଆସ୍ଥିତ ଇଣ୍ଡୋର ଷ୍ଟାଡିୟମରେ ଅନ୍ତର୍ଜାତୀୟ ଯୋଗ ଦିବସ ପାଳନ ହୋଇଥିଲା । ଏଥିପାଇଁ ଅନୁଷ୍ଠିତ ଶିବିରରେ ମନ୍ତ୍ରୀ ବଳସାମନ୍ତ କହିଥିଲେ, ଚଳିତ ବର୍ଷ ଏକ ପୃଥିବୀ ଏକ ସ୍ୱାସ୍ଥ୍ୟ ଶୀର୍ଷକ ଯୋଗ ଦିବସ ପାଳନ କରାଯାଉଛି। ସମଗ୍ର ବିଶ୍ୱକୁ ସନାତନ ସଂସ୍କୃତିରେ ଏକ ପରିବାର ରୂପେ ଗଣାଯାଇ ଥାଏ। ସମସ୍ତଙ୍କ ନିରାମୟ ଜୀବନ ସୁଖ ଓ ସୋହାର୍ଦ୍ଦ ଆଣିଥାଏ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଉଦ୍ୟମ କ୍ରମେ ସମ୍ପ୍ରତି ଯୋଗକୁ ସମଗ୍ର ବିଶ୍ୱରେ ପହଞ୍ଚାଯାଇଥିବା ମନ୍ତ୍ରୀ ବଳସାମନ୍ତ କହିଥିଲେ। ଜିଲା କ୍ରୀଡା ଅଧିକାରୀ ଲୋକନାଥ ପାଣିଗ୍ରାହୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଶିବିରରେ ମହାକାଳପଡ଼ା ବିଧାୟକ ଦୁର୍ଗାପ୍ରସନ୍ନ ନାୟକ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଅଜାମ୍ବର ମହାନ୍ତି, ଏଡିଏମ୍ ନବକ୍ରୀଷ୍ଣ ଜେନା, ଉପ ଜିଲାପାଳ ଅରୁଣ କୁମାର ନାୟକ ପ୍ରମୁଖ ସାମିଲ ହୋଇଥିଲେ । ପତଞ୍ଜଳୀ ଯୋଗ ସମିତି ପକ୍ଷରୁ ସହରର ତିନିମୁହାଣୀ ରାମ ମନ୍ଦିର ପରିସରରେ ଯୋଗ ଶିବିର ହୋଇଥିଲା। ଏଥିରେ ବିଭୁପ୍ରସାଦ ଦାସ, ପୂର୍ଣ୍ଣଚନ୍ଦ୍ର ତ୍ରିପାଠୀ, ଇଂ.ବିଶ୍ୱନାଥ ବେହେରା, ମନ୍ମଥ କୁମାର ରାଉତ, ଶୁଭ୍ରାଂଶୁ ଦାସ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ । ସେମାନେ କହିଥିଲେ ଚଳିତ ବର୍ଷ ଯୋଗ ସହିତ ବିଶ୍ୱକୁ ଯୋଡାଯାଇଛି । ଯୋଗର ଉପଯୋଗିତା ଦ୍ୱାରା ସମସ୍ତେ ସୁସ୍ଥ ହେବାର ପ୍ରୟାସ ହୋଇଛି । ସହରର ଗୋପସ୍ଥିତ ତୁଳସୀ ମହିଳା ମହାବିଦ୍ୟାଳୟ ସମେତ ବିଭିନ୍ନ ଅନୁଷ୍ଠାନ ଓ ଶିକ୍ଷାୟତନରେ ଯୋଗ ଶିବିର ଆୟୋଜିତ ହୋଇଥିଲା ।

# ନବୀନଙ୍କ ଆରୋଗ୍ୟ କାମନା କରି ସମୂହ ଦୀପଦାନ



ନବୀନଙ୍କ ଆଶୁ ଆରୋଗ୍ୟ କାମନା କରି ଶନିବାର ସନ୍ଧ୍ୟାରେ ପଟ୍ଟାମୁଣ୍ଡାଇ ନଗର ବିଜେଡି ପକ୍ଷରୁ ହରପାର୍ବତୀ ମନ୍ଦିରରେ ସମୂହ ଦୀପଦାନ କରାଯାଉଛି ।

**ପଟ୍ଟାମୁଣ୍ଡାଇ,୨୧।୬(କଳ୍ପତରୁ ନାୟକ)**

ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ସର୍ଭିକାଲ ଆଥ୍ରାଇଟିସ ଚିକିତ୍ସା ପାଇଁ କୋକିଳାବେନ ଧୀରୁଭାଇ ଅମ୍ବାନୀ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ରବିବାର ସକାଳେ ତାଙ୍କର ଅସ୍ତ୍ରୋପଚାର ହେବ । ନବୀନଙ୍କ ଆଶୁ ଆରୋଗ୍ୟ କାମନା କରି ଶନିବାର ସନ୍ଧ୍ୟାରେ ପଟ୍ଟାମୁଣ୍ଡାଇ ନଗର ବିଜେଡି ପକ୍ଷରୁ ହରପାର୍ବତୀ ମନ୍ଦିରରେ ସମୂହ ଦୀପଦାନ କରାଯାଇଛି । ନଗର ବିଜେଡି ସଭାପତି ଖଗେଶ୍ୱର ଲେଙ୍କାଙ୍କ ନେତୃତ୍ୱରେ ବ୍ଲକ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ, ପୌର ପରିଷଦ ଅଧ୍ୟକ୍ଷ ହେମନ୍ତ ସାହୁ, ବ୍ଲକ ବିଜେଡି ସଭାପତି କିଶୋର ସାହୁ, ,ବରିଷ୍ଠ ନେତା ଅମୂଲ୍ୟ ପ୍ରଧାନ, ଯୁବନେତା ନିରାକାର ସାହୁ, କାଉନସିଲର ଗୋପୀବଲ୍ଲଭ ନାୟକ ମୃତ୍ୟୁଞ୍ଜୟ ପାଢ଼ୀ, ପ୍ରଶାନ୍ତ ବାରିକ, ଲକ୍ଷ୍ମୀପ୍ରିୟା ସାହୁ ଓ ସୁବାସ ମଲିକ, ପୂର୍ବତନ କାଉନସିଲର ମଳୟ ମଲିକ, ଲୋକନାଥ ବେହେରା, ଥାନପତି ରବୀନ୍ଦ୍ର ସାହୁ, ରାମ ସାହୁ, ଅନିଲ ପଣ୍ଡା, ସ୍ୱରୂପ ସାମଲ, ସୟ ଦାସ, ସମରେଶ ମହାନ୍ତି, କଳାକାର ପ୍ରଧାନ, ଟୁଟୁ ମିଶ୍ର, ରୁଦ୍ର ନାରାୟଣ ସାମ'ରାୟ, ଅସୀମ ମର୍ହୀ ଦିଗାମ୍ବର ମିଶ୍ର ବାପି ସାମଲ, ପିଣ୍ଟୁ ସେଠୀ, ନରେଶ ଜେନା,ସୌରେନ୍ଦ୍ର ବେହେରା ପ୍ରମୁଖ ଦୀପ ଦାନ କରିଥିଲେ। ରାଜନଗର ନିର୍ବାଚନମଣ୍ଡଳୀର ବିଭିନ୍ନ ମନ୍ଦିରରେ ମଧ୍ୟ ପୂଜାର୍ଚ୍ଚନା କରାଯାଇଛି । ମହିଳାମାନେ ଉପାସ ରହି ନବୀନଙ୍କ ପାଇଁ ପୂଜା କରିଥିଲେ। ନବୀନ ସୁସ୍ଥ ହୋଇ ଫେରନ୍ତୁ ବୋଲି ସେମାନେ କାମନା କରିଥିଲେ ।

# ୨ ଯୁବକ ଜେଲ୍ ଗଲେ

## ୨ ନାବାଳିକା ଛାତ୍ରୀ ଅପହରଣ ଘଟଣା

**ମହାକାଳପଡ଼ା,୨୧।୬(ପ୍ରତାପ ଚନ୍ଦ୍ର ସ୍ୱାଇଁ)**



୨ ଯୁବକଙ୍କୁ ପୋଲିସ ଶନିବାର କୋର୍ଟ ଚାଲାଣ କରୁଛି ।

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଜମ୍ବୁ ସାମୁଦ୍ରିକ ଥାନା ଅଞ୍ଚଳର ୨ ନାବାଳିକାଙ୍କୁ ଅପହରଣ ଓ ବଳାତ୍କାର ଅଭିଯୋଗରେ ପୋଲିସ ୨ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଯୁବକଦ୍ୱୟ ହେଲେ ବତୀଘର ଅଞ୍ଚଳର ଅରବିନ୍ଦ ମିସ୍ତ୍ରୀ ଓ ଆମ୍ବ ବେଲାରି ଗ୍ରାମର ଗାଡ଼ିଚାଳକ ବିଧାନ ମଣ୍ଡଳ। ଜାମିନ ନାମଞ୍ଜୁର ପରେ ଉଭୟଙ୍କୁ ବିଚରବିଭାଗ ହାଜତକୁପଠାଇ ଦିଆଯାଇଛି।

ସୂଚନା ଅନୁଯାୟୀ,୩ ମାସ ପୂର୍ବରୁ ଜମ୍ବୁ ଥାନା ଅଧୀନ ବତୀଘର ଅଞ୍ଚଳର ଯୁବକ ଅରିନ୍ଦମ ମିସ୍ତ୍ରୀ(୨୦) ଜଣେ ନାବାଳିକା କଲେଜ ଛାତ୍ରୀଙ୍କୁ ଅପହରଣ କରି ରାଜ୍ୟ ବାହରକୁ ନେଇଯାଇଥିଲେ। ଏ ସଂକ୍ରାନ୍ତରେ ଛାତ୍ରୀ ବାପା ଥାନାରେ ଅଭିଯୋଗ କରିଥିଲେ। ହେଲେ ଯୁବକ ଜଣକ ରାଜ୍ୟ ବାହାରେ ରହୁଥିବାରୁ ଗିରଫ କରିବା ସମସ୍ୟା ସୃଷ୍ଟି ହେଉଥିଲା। ଏହାପରେ ଯୁବକ ଜଣକ ଘରକୁ ଫେରି ଥିବା ବେଳେ ପୋଲିସ ଖବର ପାଇଥିଲା । ଥାନା ଅଧିକାରୀ ଶନିବାର ଅରିନ୍ଦମଙ୍କୁ ଉଠାଇ ଆଣିଥିଲା । ନାବାଳିକା କଲେଜ ଛାତ୍ରୀଙ୍କୁ ବି ଉଦ୍ଧାର କରାଯାଇଥିଲା। ପରେ କେନ୍ଦ୍ରାପଡ଼ା ସଟଷ୍ଟେ ହୋମ୍‌ରେ ନାବାଳିକାଙ୍କୁ ଥଇଥାନ କରାଯାଇଥିଲା। ଏ ନେଇ ଅରିନ୍ଦମଙ୍କ ବିରୋଧରେ ଅପହରଣ ଓ ବଳାତ୍କାର ମାମଲା ରୁଜୁ ହେବା ସହ ପୋକ୍‌ସୋ ଆଇନ ଅନୁସାରେ ମାମଲା(ନଂ.୬୮/୨୫) ହୋଇଛି। ଶନିବାର ଅପରାହ୍ନରେ ତାଙ୍କୁ କୋର୍ଟ ଚାଲାଣ କରାଯାଇଛି।

ସେହିପରି ଅନ୍ୟ ଜଣେ ନାବାଳିକା ଦଶମ ଶ୍ରେଣୀ ଛାତ୍ରୀଙ୍କୁ ଆମ୍ବ ବେଲାରି ଗ୍ରାମର ଗାଡ଼ି ଚାଳକ ବିଧାନ ମଣ୍ଡଳ(୪୮) ଏକ ମାସ ପୂର୍ବେ ଅପହରଣ କରି ଥିବା ନେଇ ପରିବାର ପକ୍ଷରୁ ଥାନାରେ ଅଭିଯୋଗ ହୋଇଥିଲା। ନାବାଳିକା ଛାତ୍ରୀ ଜଣକ କୌଶଳ କ୍ରମେ ଖସି ଆସି ଘରେ ପହଞ୍ଚି ଥିଲେ। ଗିରଫ ଭୟରେ ବିଧାନ ବାହାରେ ରହିଥିଲେ। ବିଧାନ ଘରକୁ ଫେରି ଥିଲେ ବୋଲି ପୋଲିସ ଖବର ପାଇଥିଲେ । ଅଭିଯୋଗକୁ ଭିତ୍ତି କରି ପୋଲିସ ଏକ ମାମଲା(ନଂ,୧୦୦/୨୫) ପୋକ୍‌ସୋ ନିୟମ ଅନୁଯାୟୀ ରୁଜୁ କରିବା ସହ ବିଧାନଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ବୋଲି ସାମୁଦ୍ରିକ ଥାନା ପକ୍ଷରୁ ସୂଚନା ମିଳିଛି। ବିଧାନଙ୍କୁ ବି କୋର୍ଟ ଚାଲାଣ କରାଯାଇଛି। ଏ ସଂକ୍ରାନ୍ତରେ ଜମ୍ବୁ ସାମୁଦ୍ରିକ ଥାନା ଅଧିକାରୀ ସୌମେନ୍ଦ୍ର କୁମାର ବିଶ୍ୱାଳ କହିଛନ୍ତି, ନାବାଳିକାଙ୍କୁ ଅପହରଣ ଓ ବଳାତ୍କାର ଘଟଣା ଖୁବ ସମ୍ବେଦନଶୀଳ । ଏହି ଘଟଣାରେ ସଂପୃକ୍ତି ଥିବା ପ୍ରମାଣ ମିଳିଲେ ଆଇନ ଅନୁସାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

# ପଣ୍ଡିତସଭା ସଭାପତି ଧ୍ରୁବ ଚରଣ ପଣ୍ଡାଙ୍କ ପରଲୋକ

**କେନ୍ଦ୍ରାପଡ଼ା,୨୧।୬ (ଜଗନ୍ନାଥ ଧଳ)**



କେନ୍ଦ୍ରାପଡ଼ା ତୁଳସୀ କ୍ଷେତ୍ର ପଣ୍ଡିତ ସଭାର ସଭାପତି ତଥା ରାଜ୍ୟପାଳ ପୁରସ୍କାରପ୍ରାପ୍ତ ପଣ୍ଡିତ ଧ୍ରୁବ ଚରଣ ପଣ୍ଡା (୮୬)ଙ୍କ ଶୁକ୍ରବାର ବିଳମ୍ବିତ ରାତିରେ ପରଲୋକ ହୋଇଯାଇଛି । ସେ ଜଣେ ସଂସ୍କୃତ ବିଶାରଦ ଓ କାର୍ଯ୍ୟକାଣ୍ଡବିତ୍ ଥିଲେ । ସଂସ୍କୃତିଭିତ୍ତିକ ବହୁ ଅନୁଷ୍ଠାନରେ ସାମିଲ ହୋଇଥିବା ବେଳେ ଅତ୍ୟନ୍ତ ମେଳାପୀ ଛାତ୍ର ବତ୍ସଳ ପଣ୍ଡିତ ଥିଲେ । ସ୍ୱର୍ଗତ ପଣ୍ଡା ପ୍ରଥମେ ଅଭୟା ଆୟୁର୍ବେଦ ବିଦ୍ୟାଳୟର ଯୋଗଦାନ କରିଥିଲେ। ପରେ ୧୯୬୭ରୁ ୧୯୭୨ ପର୍ଯ୍ୟନ୍ତ ଆଖୁଆ ଓଡଙ୍ଗ ଉଚ୍ଚ ବିଦ୍ୟାଳୟରେ ପଣ୍ଡିତ ଭାବେ ଯୋଗଦେଇ ଥିଲେ । ୧୯୭୨ରେ ଅଭୟା ଆୟୁର୍ବେଦ ବିଦ୍ୟାଳୟରେ ଯୋଗଦାନ କରିଥିଲେ । ତାଙ୍କ ପରଲୋକ ଖବର ପ୍ରଚାରିତ ହେବା ପରେ ସାରା କେନ୍ଦ୍ରାପଡ଼ାରେ ଶୋକର ଛାୟା ଖେଳିଯାଇଥିଲା । ଖବର ପାଇ ତୁଳସୀ କ୍ଷେତ୍ର ପଣ୍ଡିତ ସଭାର କର୍ମକର୍ତ୍ତା ମାଧବାନନ୍ଦ ପତ୍ରୀ, ନୃସିଂହ ପ୍ରସାଦ ପତ୍ରୀ, ସୁବାସ ପାଣି, ଅବଧୂତ ରାଉତ, କୁଳମଣୀ ପଣ୍ଡା, ନୃସିଂହ ତ୍ରିପାଠୀ, ଅଭୟା ସଂସ୍କୃତ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଜନ୍ମେଜୟ ଶତପଥୀ, ଅଙ୍ଗୁଳାଇ ସରପଞ୍ଚ ମଙ୍ଗରାଜ ବେହେରା, ମାଧବାନନ୍ଦ ପାତ୍ର ପ୍ରମୁଖ ଶବାଧାରରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ନିଜ ଗ୍ରାମ ନିଳାଦ୍ରିପୁର ଶ୍ମଶାନରେ ଶେଷକୃତ୍ୟ ସମ୍ପର୍ଣ୍ଣ କରାଯାଇଥିଲା । ଜ୍ୟେଷ୍ଠ ପୁତ୍ର ତପନ ପଣ୍ଡା ମୁଖାଗ୍ନି ଦେଇଥିଲେ ।

# ମରଣଯନ୍ତା ପାଲଟିଛି ରାଜକନିକା-ସିଂହପୁର ରାସ୍ତା

■ ରାସ୍ତାସାରା ଅସଂଖ୍ୟ ଗାତ

■ ଚୁପ ବସିଛି ପୂର୍ତ୍ତ ବିଭାଗ

**ରାଜକନିକା,୨୧।୬(ସଞ୍ଜୟ କୁମାର ଦାଶ)**

ମରଣଯନ୍ତା ପାଲଟିଛି ରାଜକନିକା–ସିଂହପୁର ପୂର୍ତ୍ତ ବିଭାଗ ରାସ୍ତା । ରାଜକନିକାରୁ ଓଲାଭର ମାତ୍ର ୬କିମି. ରାସ୍ତା । ସେହି ରାସ୍ତାଟି ଅସଂଖ୍ୟ ଖାଲରେ ଭର୍ତ୍ତି ହୋଇଛି । ଅଶୋକ ବଜାର ଛକ ଆରଏନ୍ ହାଇସ୍କୁଲ ନିକଟରୁ ଅଚିନ୍ତା ମୌଜା ହନୁମାନ ଛକ, ପଦ୍ମପୋଖରୀ ପାଖରେ ଥିବା ଟର୍ଣ୍ଣ ପାଖରେ ବଡ ଗର୍ତ୍ତ ସୃଷ୍ଟି ହୋଇ ମରଣଯନ୍ତା ପାଲଟିଛି । ଗର୍ତ୍ତ କାରଣରୁ ପ୍ରତିଦିନ ଛୋଟ ବଡ଼ ଦୁର୍ଘଟଣା ବି ଘଟୁଛି । ଦୀର୍ଘଦିନ ହେବ ଏଭଳି ସମସ୍ୟା ଲାଗି ରହିଛି। ଅଞ୍ଚଳବାସୀଙ୍କ ପକ୍ଷରୁ ଉକ୍ତ ରାସ୍ତା ମରାମତି ପାଇଁ ଦାବି ହେଇ ଆସୁଛି।



ରାଜକନିକା–ସିଂହପୁର ରାସ୍ତା ଖାଲଖମାରେ ପରିପୂର୍ଣ୍ଣ।

ହେଲେ ପୂର୍ତ୍ତ ବିଭାଗ ମରାମତି ନ କରି ଚୁପ୍ ବସିଛି । ଏହି ରାସ୍ତା ଦେଇ ପଶ୍ଚିମ କନିକାରୁ ଶତାଧିକ ଲୋକ ବସ, ଅଟୋ, ବାଇକ୍ ଯୋଗେ ରାଜକନିକା ସଦରକୁ ବିଭିନ୍ନ କାମରେ ବ୍ଲକ, ତହସିଲ, ଥାନା, ବ୍ୟାଙ୍କ ଆଦିକୁ ଦୈନିକ ଆସିଥାନ୍ତି । ଏପରିକି ସ୍କୁଲ ଗାଡ଼ି ମଧ୍ୟ ସବୁଦିନ ସେଇ ରାସ୍ତାଦେଇ ଯାଆସ କରିଥାଏ । ଏମିତିକି ଏହି ରାସ୍ତା ଦେଇ ଦୈନିକ ରାଉରକେଲା, କୋଲକାତା, କଟକ–ଭୁବନେଶର ବସ ମଧ୍ୟ ଯାତାୟତ କରୁଛି । ଓଲାଭରରୁ ରାଜକନିକା ଏବଂ ରାଜକନିକାରୁ ଓଲାଭର କଲେଜକୁ ପାଠ ପଢ଼ିବାକୁ ଦୈନିକ ଛାତ୍ରୀଛାତ୍ରମାନେ ଯାଆସ କରିଥାନ୍ତି । ତେବେ ଏହି ଜନବହୁଳ ରାସ୍ତା ପ୍ରତି ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟିଦେବାକୁ ସାଧାରଣରେ ଦାବି ହୋଇଛି ।

ଏ ସମ୍ପର୍କରେ ବିଭାଗୀୟ ଜେଇ ଜ୍ୟୋତିରଞ୍ଜନ ବେହେରାଙ୍କୁ ପଚାରିବାରେ ସେ କହିଛନ୍ତି, ଏହି ରାସ୍ତା ପ୍ରଶସ୍ତିକରଣ ହେବ । ସେଥିପାଇଁ ପାର୍ଶ୍ୱ ଗଛଗୁଡ଼ିକ କଟାଯିବ । ଗଛ କାଟିବା ପାଇଁ ବନବିଭାଗକୁ ଅନୁମତି ମଗାଯାଇଛି । ନିର୍ଦ୍ଦେଶ ଆସିପାରୁ ନ ଥିବାରୁ ରାସ୍ତାକାମ ହେଇପାରୁନାହିଁ । ଖୁବ୍‌ଶୀଘ୍ର ରାସ୍ତା କାମ ଆରମ୍ଭ ହେବ ବୋଲି ସେ କହିଛନ୍ତି ।

14

## ବିଦ୍ୟୁତ୍ ଆଘାତରେ ଜଣେ ମୃତ

ନୟାଗଡ଼,୨୧।୬ (ଲୋକନାଥ ମିଶ୍ର)

ନୟାଗଡ଼ ଜିଲା ଇଟାମାଟି ଥାନା ଲାଠିପଡ଼ା ନିକଟସ୍ଥ ସାମନ୍ତରାପୁର ଗ୍ରାମରେ ଶନିବାର ବିଦ୍ୟୁତ୍ ଆଘାତରେ ଜଣଙ୍କର ମୃତ୍ୟୁ ଘଟିଛି। ମୃତକ ହେଲେ ଭଞ୍ଜନ ଦାଶ(୨୫)। ଘର ନୟାଗଡ଼ ସଦରଥାନ ଖଣ୍ଡୁଗାଁ ଗାଁରେ। ସେ ଜଣେ ବ୍ୟକ୍ତିଙ୍କ ବିଦ୍ୟୁତ୍ ୱାରିଂ କାମ କରିବାକୁ ସାମନ୍ତରାପୁର ଗ୍ରାମକୁ ଯାଇଥିଲେ। ସେଠାରେ ବିଦ୍ୟୁତ୍ ଆଘାତ ଲାଗିବା ପରେ ସେ ଅଚେତ ହୋଇପଡ଼ିଥିଲେ। ତାଙ୍କ ଶରୀରର ଅନେକ ସ୍ଥାନ ଚମଡା ଉଠି ଯାଇଛି। ତାଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଇଟାମାଟି ଥାନା ପୋଲିସ ଅଭିଯୋଗ ପାଇ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି। ଅନ୍ୟପକ୍ଷେ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରିଛି।

## ଅବସରପ୍ରାପ୍ତ କର୍ମଚାରୀଙ୍କ ପରଲୋକ

ଖଣ୍ଡପଡ଼ା,୨୧।୬(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ବ୍ଲକ ଅଧୀନ କଣ୍ଟିଲୋ କଂସାରୀସାହି ପାଟଣା ଗ୍ରାମର ଅବସରପ୍ରାପ୍ତ ସରକାରୀ କର୍ମଚାରୀ ତଥା ପୂଜକ ବାସୁଦେବ ମିଶ୍ର(୮୫)ଙ୍କ ଶନିବାର ସକାଳେ ପରଲୋକ ହୋଇଯାଇଛି । ସେ କିଛି ଦିନ ହେବ ଅସୁସ୍ଥ ଅନୁଭବ କରିବାରୁ ତାଙ୍କୁ ଭୁବନେଶ୍ୱରର ଏକ ଘରୋଇ ହସପିଟାଲରେ ଚିକିତ୍ସା କରାଯାଉଥିଲା। ଚିକିତ୍ସାଧୀନ ଥିବା ବେଳେ ଶନିବାର ତାଙ୍କର ପରଲୋକ ହୋଯାଇଥିବା ପରିବାର ସୁତ୍ରରୁ ଜଣାପଡିଛି। ନିକଟସ୍ଥ ମହାନଦୀକୂଳ ଶଙ୍ଖତୋଟା ଶ୍ମଶାନ ଘାଟରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା । ତାଙ୍କ ଏକମାତ୍ର ପୁଅ ପୃଥ୍ୱୀରାଜ ମୁଖାଗ୍ନି ଦେଇଥିଲେ । ସେ ଜଣେ ବନ୍ଧୁବତ୍ସଳ, ପରୋପକାରୀ ଓ ସ୍ନେହୀ ଥିଲେ। ତାଙ୍କ ବିୟୋଗରେ ସ୍ଥାନୀୟ ଅଂଚଳରେ ଶୋକର ଛାୟା ଖେଳି ଯାଇଛି।


ବାସୁଦେବ ମିଶ୍ର

## ବ୍ରିଜ ତଳକୁ ପିକ୍‌ଅପ୍ ଭ୍ୟାନ୍ ଓଲଟି ୩ ଆହତ

ବେଲଗୁଣ୍ଠା,୨୧।୬(କୃଷ୍ଣ ଚନ୍ଦ୍ର ପଟ୍ଟନାୟକ)

ବେଲଗୁଣ୍ଠା ଥାନା ଅନ୍ତର୍ଗତ ନୂଆଗାଁ ବ୍ରିଜ ନିକଟରେ ଏକ ପିକଅପ ଭ୍ୟାନ ଭାରସାମ୍ୟ ହରାଇ ବ୍ରିଜ ତଳକୁ ଖସିଯିବା ଫଳରେ ୩ ଜଣ ଆହତ ହୋଛନ୍ତି। ସୂଚନା ଅନୁସାରେ, ଏମଭିଆଇଏଲ କମ୍ପାନୀର ଏକ ବୋଲେରୋ ପିକଅପ ଗାଡି (ନଂ ଓଡ଼ି ୩୩ଏଜେ ୮୪୩୬) କମ୍ପାନୀର ମେସିନ ଯନ୍ତ୍ରପାତି ରିସିଭ କରିବା ପାଇଁ ଭଞ୍ଜନଗର ଯିବାବେଳେ ନୂଆଗାଁ ବ୍ରିଜ ନିକଟରେ ଭାରସାମ୍ୟ ହରାଇ ତଳକୁ ଖସିପଡ଼ିଥିଲା। ଫଳରେ ପିକଅପ ଗାଡ଼ିରେ ଥିବା ଝାଡ଼ଖଣ୍ଡର ଡ୍ରାଇଭର ନିଖିଲ କୁମାର ସିଂ(୨୮) ସହିତ ଉକ୍ତ କମ୍ପାନୀରେ କାମ କରୁଥିବା ଦୁଇ ଜଣ କର୍ମଚାରୀ ଗୁରୁପ୍ରସାଦ ବିଶ୍ୱାଳ( ୩୦) ଓ ଯୁଗଳ କିଶୋର ନାୟକ (୨୯) ତିନି ଜଣ ସାମାନ୍ୟ ଆହତ ହୋଇଛନ୍ତି ।

# ନୟାଗଡ଼ ଜିଲା ଇପିଏଫ୍ ପେନ୍‌ସନର୍ସ ସଂଘ ସମ୍ମିଳନୀ

ଦଶପଲ୍ଲା,୨୧।୬ (ପ୍ରକାଶ କୁମାର ପାଣି)

ଶନିବାର ଅଲ ଓଡିଶା ଇପିଏଫ୍ ପେନସନର୍ସ ଆସୋସିଏଶନ ନୟାଗଡ ଜିଲା ଶାଖାର ସାଧାରଣ ସଭା ଦଶପଲ୍ଲାସ୍ଥିତ ଶ୍ରୀ ସ୍ୱପ୍ନ ମହାବୀର ପୀଠ କଲ୍ୟାଣ ଆଶ୍ରମ ପରିସରସ୍ଥିତ ମାରୁତି ବଜାର ସଭା କକ୍ଷରେ ରାଜ୍ୟ କାର୍ଯ୍ୟକାରୀ ସଭାପତି ପ୍ରଫୁଲ୍ଲ କୁମାର ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଆବାହକ ନଟବର ଆଚାର୍ଯ୍ୟ ଅତିଥିମାନଙ୍କ ପରିଚୟ ଦେବାପରେ ସଭାର ଉଦ୍ଦେଶ୍ୟ ସମ୍ବନ୍ଧରେ ସୂଚନା ଦେଇଥିଲେ। ଉକ୍ତ ସଭାର ମୁଖ୍ୟ ଆକର୍ଷଣ ରାଜ୍ୟ ସାଧାରଣ ସମ୍ପାଦକ ତଥା ସର୍ବଭାରତୀୟ ଉପସଭାପତି ଭାଗ୍ୟଧର ବ୍ରହ୍ମା ଇପିଏଫ୍ ପେନସନଭୋଗୀମାନଙ୍କ ସମସ୍ୟା ଓ ତା'ର ସମାଧାନ ଦିଗରେ ସଂଘ ତରଫରୁ ନିଆଯାଇଥିବା ପଦକ୍ଷେପ ସମ୍ବନ୍ଧରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ।ସଭାରେ ନୟାଗଡ ଜିଲାରୁ ୨ଶହରୁ ଉର୍ଦ୍ଧ୍ୱ ସଭ୍ୟାସଭ୍ୟ ଯୋଗଦେଇଥିଲେ।

ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ନିଗମ କର୍ମଚାରୀ ମହାସଂଘ ସଭାପତି ସରୋଜକାନ୍ତ ମଲିକ, ଖୋର୍ଦ୍ଧା ଜିଲା ଶାଖା ସମ୍ପାଦକ ପ୍ରକାଶ କୁମାର ପଟ୍ଟନାୟକ, ଓଡିଶା ରାଜ୍ୟ ପରିବହନ ନିଗମରୁ ପ୍ରଶାନ୍ତ ରାଉତ ଏହି ସଭାରେ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ରାଜ୍ୟର ସମସ୍ତ ଇପିଏଫ୍ ପେନସନଧାରୀ ଏକତ୍ରିତ ହୋଇ ଦାବି ହାସଲ ପାଇଁ ଗଣତାନ୍ତ୍ରିକ ଲଢେଇ କରିବାକୁ ଆହ୍ୱାନ ଦେଇଥିଲେ। କେନ୍ଦ୍ର ସରକାର ଇପିଏଫ୍ ପେନସନଧାରୀ ବରିଷ୍ଠ ନାଗରିକଙ୍କର ସାମାଜିକ ସୁରକ୍ଷାକୁ ଅଣଦେଖା କରିବାକୁ ଘୋର ନିନ୍ଦା ପ୍ରକାଶ ପାଇଥିଲା। ଓଡିଶା ସମେତ ସାରାଦେଶର ପ୍ରାୟ ଅଶୀ ଲକ୍ଷରୁ ଉର୍ଦ୍ଧ୍ୱ ଇପିଏଫ୍ ପେନସନଭୋଗିଙ୍କ ଦୀର୍ଘଦିନର ଦାବି ସର୍ବନିମ୍ନ ପେନସନ ୯୦୦୦ଟଙ୍କା ସହ ମହଙ୍ଗା ଭତ୍ତା ପ୍ରଦାନ ନ କରିବା ପର୍ଯ୍ୟନ୍ତ ଏ ଲଢେଇ ସାରାଦେଶରେ ଚାଲୁରହିବ। ଆଗାମୀ ଦିନରେ ଏ ଆନ୍ଦୋଳନକୁ ଆହୁରି ଜୋରଦାର କରିବାକୁ ବକ୍ତାମାନେ ମତ ଦେଇଥିଲେ। ବର୍ଦ୍ଧିତ ପେନସନ ପ୍ରଦାନରେ ଇପିଏଫ୍ କର୍ମକର୍ତ୍ତାଙ୍କ ଟାଳଟୁଳ ନିତିକୁ ଘୋର ନିନ୍ଦା କରିଥିଲେ। ସଭାର ଅନ୍ତିମ ପର୍ଯ୍ୟାୟରେ ଆସନ୍ତା ଦୁଇ ବର୍ଷ ପାଇଁ ନୟାଗଡ଼ ଜିଲା ଶାଖା କମିଟିର କର୍ମକର୍ତ୍ତା ମନୋନୟନ ସର୍ବସମ୍ମତିକ୍ରମେ କରାଯାଇଥିଲା । ସଭାପତି ନୀଳକଣ୍ଠ ସାହୁ , ଉପସଭାପତି ଆନନ୍ଦ ଚନ୍ଦ୍ର ଜେନା,ସମ୍ପାଦକ ଚନ୍ଦ୍ରଶେଖର ସାହୁ, ସହ ସମ୍ପାଦକ କୁନାଳ ବିଶ୍ୱାଳ, କୋଷାଧ୍ୟକ୍ଷ ଗଣେଶ୍ୱର ସାହୁ, ହିସାବ ସମୀକ୍ଷକ ନନ୍ଦକିଶୋର ସିଂହ ଏବଂ ୧୦ ଜଣ କାର୍ଯ୍ୟକାରିଣୀ ସଦସ୍ୟରୁପେ ମନୋନୀତ ହୋଇଛନ୍ତି। ଶେଷରେ ରଜନୀକାନ୍ତ ମଙ୍ଗରାଜ ଧନ୍ୟବାଦ ଅର୍ପଣ କରିଥିଲେ।


ସମ୍ମିଳନୀରେ ଯୋଗଦେଇଥିବା ଇପିଏଫ୍ ପେନ୍‌ସନଭୋଗୀମାନେ।

# ଶରୀରକୁ ସୁସ୍ଥ ଓ ମନକୁ ସନ୍ତୁଳିତ କରେ ଯୋଗ

ନୟାଗଡ଼,୨୧।୬(ଲୋକନାଥ ମିଶ୍ର)

ଯୋଗ ଶରୀରକୁ ସୁସ୍ଥ ଓ ମନକୁ ସନ୍ତୁଳିତ କରେ। ଦୈନିକ ଯୋଗଭ୍ୟାସ ଦ୍ୱାରା ଶରୀରର ଆଭ୍ୟନ୍ତୀଣ ଅଙ୍ଗ ପ୍ରତ୍ୟଙ୍ଗ ସନ୍ତୁଳିତ ରହିବା ସହ ଏକାଗ୍ରତା ବୃଦ୍ଧି ପାଏ। ଏ ଅବସରରେ ଜୁନ ୨୧ରେ ନୟାଗଡ଼ ଜିଲାର ବିଭିନ୍ନ ସ୍ଥାନରେ ଯୋଗ ଦିବସ ପାଳିତ ହୋଇ ଯାଇଛି। ଜିଲା ରେଡ଼କ୍ରସ, ରେଡ଼କ୍ରସ ସ୍ୱେଚ୍ଛାସେବୀ ସଂଘ, ରଘୁନାଥ ଯୋଗ ସମିତି ପକ୍ଷରୁ ମିଳିତ ଭାବେ ନୟାଗଡ଼ ପୁରୁଣା ସହରର ସାଗର ପୁଷ୍କରିଣୀବୁନ୍ଧ ଯୋଗ ମଣ୍ଡପରେ ବିଶ୍ୱ ଯୋଗ ଦିବସ ପାଳିତ ହୋଇ ଯାଇଛି। ଏଥିରେ ଯୋଗ କରାଯାଇଥିଲା। ନୟାଗଡ଼ ମ୍ୟୁନିସିପାଲିଟିର ଚେୟାରମ୍ୟାନ ନିରୁପମା ଖଟେଇ ଓ ନିର୍ବାହୀ ଅଧିକାରୀ ସ୍ନେହଲତା ଆଚାର୍ଯ୍ୟ, ଯୋଗଗୁରୁ ପତାପକୁମାର ରଣସିଂ, ରେଡ଼କ୍ରସ ସ୍ୱେଚ୍ଛାସେବୀ ସଂଘ ଉପଦେଷ୍ଟା ବିଭୂତି ପଟ୍ଟନାୟକ ଯୋଗ ଦେଇଥିଲେ। ସେହିପରି ନୟାଗଡ଼ ବ୍ଲକ ସିନ୍ଦୁରିଆ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଝୁମୁରୀ ସାହୁଙ୍କ ସଂଯୋଜନାରେ ବିଶ୍ୱ ଯୋଗ ଦିବସ ପାଳିତ ହୋଇ ଯାଇଛି। ଏଠାରେ ଶିକ୍ଷକ ଶିକ୍ଷୟତ୍ରୀ ଯୋଗ କରିଥିଲେ। ଯୋଗ ବିଶାରଦ କ୍ରୀଡା ଶିକ୍ଷୟିତ୍ରୀ ସ୍ୱପ୍ନାରାଣୀ ନନ୍ଦ ସହଯୋଗ କରିଥିଲେ।

## 'ବୃତ୍ତି ଚୟନତ୍' ପରାମର୍ଶଭିତ୍ତିକ ୱେବିନାର

ଖଣ୍ଡପଡା,୨୧।୬ (ଅଜୟ କୁମାର ମହାରଣା)

ଖଣ୍ଡପଡା ମହିଳା ମହାବିଦ୍ୟାଳୟ ପରିସରରେ ଯୁକ୍ତ ୨ ଦ୍ୱିତୀୟ ବର୍ଷ ଛାତ୍ରୀ ମାନଙ୍କ ଉଦ୍ଦେଶ୍ୟରେ 'ବୃତି ଚୟନ' ଶୀର୍ଷକ ପରାମର୍ଶ ଭିତ୍ତିକ ୱେବିନାର (ଅନଲାଇନ ପାଠଚକ୍ର) ଶନିବାର ମଧ୍ୟାହ୍ନରେ ଅନୁଷ୍ଠିତ ହୋଇଯାଇଛି । ଉଚ୍ଚତର ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ପରିଚାଳିତ ଏହି ଅନଲାଇନ ପାଠଚକ୍ରରେ ଯୁକ୍ତ ୨ ଦ୍ୱିତୀୟ ବର୍ଷର ଛାତ୍ରୀ ଓ ଅଧ୍ୟାପିକା, ଅଧ୍ୟାପକମାନେ ଅଂଶ ଗ୍ରହଣ କରି ପରାମର୍ଶ ଗ୍ରହଣ ମତାମତ ଆଦାନ ପ୍ରଦାନରେ ଭାଗ ନେଇଥିଲେ । ପାଠ ପଢା ପରେ ଉପଯୁକ୍ତ ବୃତି ଚୟନ ଏକ ଗୁରୁତ୍ୱ ପ୍ରସଙ୍ଗ ବୋଲି ମତ ପ୍ରକାଶ ପାଇଥିଲା। ତେବେ ଶିକ୍ଷାଗତ ଯୋଗ୍ୟତା ଭିତିରେ ଉପଲବ୍ଧ ବିଭିନ୍ନ ବୃତି ଚୟନ କରି ନିଜକୁ ସାମାଜିକ ସ୍ତରରେ ପ୍ରତିଷ୍ଠା ଓ ଅର୍ଥ ନୈତିକ ସ୍ୱାବଲମ୍ବନଶୀଳ କରାଇବା ପାଇଁ ଏହି ପାଠଚକ୍ର ବେଶ୍ ଉପାଦେୟ ବୋଲି ଅଧ୍ୟକ୍ଷା ସ୍ମିତା ଶେଫାଳୀ ମହାପାତ୍ର ଛାତ୍ରୀ ମାନଙ୍କୁ ପରାମର୍ଶ ଦେଇଥିଲେ। ଏଥି ସହିତ ସ୍ମାର୍ଟ ଟିଭି ପରଦାରେ ପ୍ରଦତ ପ୍ରତ୍ୟେକ୍ଷ ଯୋଗଦାନ ପୂର୍ବକ ଏହି ୱେବିନାରକୁ ଛାତ୍ରୀମାନେ ଉପଲବ୍ଧ କରିଥିଲେ।

# ରଥଯାତ୍ରା ପ୍ରସ୍ତୁତି ବୈଠକ


ରଥଯାତ୍ରା ପ୍ରସ୍ତୁତି ବୈଠକରେ କମିଟିର କର୍ମକର୍ତ୍ତା।

ନୟାଗଡ଼,୨୧।୬ (ଲୋକନାଥ ମିଶ୍ର)

ନୟାଗଡ଼ ଜିଲା ଭାପୁର ବ୍ଲକ୍ ଭାପୁର ବଜାର ଜଗନ୍ନାଥ ମନ୍ଦିର ପରିଚାଳନା କମିଟି ସଭାପତି ସୁମନ୍ତ କୁମାର ଜେନାଙ୍କ ଆବାହକତ୍ୱରେ ଶନିବାର ଭାପୁର ବାଇପାସ ନିକଟସ୍ଥ ଶ୍ରୀରାମ ବିହାର କଲ୍ୟାଣ ମଣ୍ଡପ ପରିସରରେ ରଥଯାତ୍ରା ପାଇଁ ଚୂଡାନ୍ତ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଭାପୁର ବ୍ଲକର ତହସିଲଦାର ତଥା ରଥଯାତ୍ରା ପରିଚାଳନା କମିଟିର ସଭାପତି ଅର୍ଜ୍ଜୁନ କୁମାର ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ମୁଖ୍ୟ ଅତିଥି ଭାବେ ଖଣ୍ଡପଡ଼ା ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ, ସମ୍ମାନିତ ଅତିଥି ଭାବରେ ଭାପୁର ବ୍ଲକ୍ ଉପାଧ୍ୟକ୍ଷ ବେଣୁଧର ପ୍ରଧାନ, ଜିଲା ପରିଷଦ ସଭ୍ୟ ଧର୍ମେନ୍ଦ୍ର କୁମାର ଧଳ, ସୁଶାନ୍ତ କୁମାର ସାହୁ, ଭାପୁର କ୍ରିୟାନୁଷ୍ଠାନ କମିଟିର ସଭାପତି ତଥା ବରିଷ୍ଠ ଖବରଦାତା ରବିନ୍ଦ୍ର କୁମାର ପଟ୍ଟନାୟକ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଗୟାଧର ପରିଡ଼ା, ଭାପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶାରଦା ପ୍ରସନ୍ନ ପଣ୍ଡା, ଡ.ଲଳିତ ମୋହନ ଗୁଡ୍ଡୁ, ଭାପୁର ବଜାର କମିଟି ସଭାପତି ତଥା ପୂର୍ବତନ ସରପଞ୍ଚ କାର୍ତ୍ତିକ କୁମାର ନାୟକ, ଜିତେନ୍ଦ୍ର କୁମାର ରଣସିଂହ ପ୍ରମୁଖ ମଞ୍ଚାସୀନ ଥିଲେ। ପ୍ରସ୍ତୁତି ବୈଠକରେ ପାଣି ସଂଗ୍ରହ, ଦାୟିତ୍ୱ ବଣ୍ଟନ, ଆଲୋକିକରଣ, ପାନୀୟ ଜଳ, ଶାନ୍ତିଶୃଙ୍ଖଳାରେ କରିବା ସହ ଖୁବ ଖୁମଧାମରେ ପାଳନ କରିବା ନେଇ ମତପ୍ରକାଶ ପାଇଥିଲା। ଶେଷରେ ସାଧୁ ଚରଣ ସିଂ ଧନ୍ୟବାଦ ଅର୍ପଣ କରି ସଭା ସାଙ୍ଗ କରିଥିଲେ।

## ବୁଲେଟ ଧକ୍କାରେ ମହିଳା ମୃତ, ଚାଳକ ଫେରାର

ରଣପୁର,୨୧।୬
(ସୁକାନ୍ତ କିଶୋର ଡାକୁଆ)

ନୟାଗଡ଼ ଜିଲା ରଣପୁର ଥାନା ଅନ୍ତର୍ଗତ ହାଟସାହି ନିକଟରେ ଥିବା କ୍ଷୁଦ୍ର ଜଳ ସେଚନ ବିଭାଗ କାର୍ଯ୍ୟାଳୟ ଆଗରେ ବୁଲେଟ ଧକ୍କାରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି । ଘଟଣା ସ୍ଥଳରୁ ବୁଲେଟ୍ ଚାଳକ ଫେରାର ହୋଇଯାଇଛନ୍ତି । ଖବର ପାଇ ବହୁ ବିଳମ୍ବରେ ପୋଲିସ ସେଠାରେ ପହଞ୍ଚିବାରୁ ଚାପା ଉତ୍ତେଜନା ପ୍ରକାଶ ପାଇଥିଲା । ସୂଚନା ଅନୁଯାୟୀ, ଶନିବାର ନୟାଗଡ଼ରୁ ରଣପୁର ଆଭିମୁଖ୍ୟ ଏକ ବୁଲେଟ୍ ଦ୍ରୁତଗତିରେ ଆସି ମହିଳାଙ୍କୁ ପଛପଟୁ ଧକ୍କା ଦେଇଥିଲା । ଫଳରେ ଘଟଣାସ୍ଥଳରେ ସମ୍ପୃକ୍ତା ମହିଳାଙ୍କ ମୃତ ହୋଇଥିଲା । ମୃତକ ହେଲେ ରଣପୁର ବିଜ୍ଞାପିତ ଅଞ୍ଚଳ ପରିଷଦର ସାନଗଡ଼ ତଳସାହିର ଗଣ୍ଡୁ ସାହୁଙ୍କ ସ୍ତ୍ରୀ ହାରମଣୀ (୫୨)। ବୁଲେଟ ଚାଳକ ରାସ୍ତା ତଳକୁ ଛିଟିକି ପଡିଥିଲେ। ସେଠାରୁ ଉଠି ବୁଲେଟ ଛାଡି ଫେରାର ହୋଇଯାଇଛନ୍ତି । ପରିବାର ଲୋକେ ଖବର ପାଇ ଘଟଣାସ୍ଥଳରେ ପହଞ୍ଚି ମହିଳାଙ୍କୁ ରଣପୁର ସରକାରୀ ଡାକ୍ତରଖାନରେ ଭର୍ତ୍ତି କରିଥିଲେ । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ପୋଲିସ ବୁଲେଟକୁ ଜବତ କରି ମାମଲା ରୁଜୁ କରିଛି । ମୃତଦେହକୁ ବ୍ୟବଚ୍ଛେଦ କରାଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି । ସୂଚନାଯୋଗ୍ୟ, ଶନିବାର ସକାଳେ ହାରମଣିଙ୍କ ଦେହ ଅସୁସ୍ଥ ଥିବାରୁ ସାହିର ଜଣେ ପିଲାକୁ ସାଙ୍ଗରେ ଧରି ସେ ରଣପୁର ଡାକ୍ତରଖାନାକୁ ଆସିଥିଲେ । ସେଠାରୁ ସେ ଘରକୁ ଫେରୁଥିବା ସମୟରେ ଏହି ଦୁର୍ଘଟଣା ଘଟିଥିଲା ।

## ହୋଇପାରୁନି ଜିଆଇ ଟାଗିଂ

ଓଡ଼ଗାଁ,୨୧।୬
(ଆଦର୍ଶ କୁମାର ପଟ୍ଟନାୟକ)

**ଅନ୍ତ୍ୟୋଦୟ ଗୃହ ଯୋଜନା**
- ହିତାଧିକାରୀ ପାଉନାହାନ୍ତି କିସ୍ତି
- ବିଳମ୍ବ ହେଲେ ହରାଇବେ ଅତିରିକ୍ତ ପ୍ରୋତ୍ସାହନ ରାଶି

ନୟାଗଡ଼ ଜିଲା ଓଡ଼ଗାଁ ବ୍ଲକର ଅନ୍ତ୍ୟୋଦୟ ଗୃହ ଯୋଜନା ହିତାଧିକାରୀ କାର୍ଯ୍ୟାଦେଶ ପାଇବାର ଦେଢ଼ ମାସ ପରେ ପ୍ରଥମ କିସ୍ତି ଟଙ୍କା ପାଇଲେ। କିସ୍ତିରେ ପାଇଥିବା ଅର୍ଥ ସହିତ ଧାର କରଜ କରି ଗୃହ ନିର୍ମାଣ କାର୍ଯ୍ୟ ଆଗେଇ ନେଲେ। ହେଲେ ବର୍ତ୍ତମାନ ୨ୟ କିସ୍ତି ଟଙ୍କା ମିଳୁନାହିଁ। ବିଳମ୍ବ ଯୋଗୁଁ ଗୃହ ନିର୍ମାଣ କାର୍ଯ୍ୟ ଅଧାରେ ଅଟକି ରହିଛି। ଅନ୍ୟ ପକ୍ଷରେ ହିତାଧିକାରୀ ଗୃହ ନିର୍ମାଣ କାର୍ଯ୍ୟ ଆରମ୍ଭ କରିବା ପରେ ଏମ୍‌ଜିଏନ୍‌ଆରଇଜିଏସ୍ ଯୋଜନା ମାଧ୍ୟମରେ ହିତାଧିକାରୀଙ୍କୁ ଅର୍ଥ ପ୍ରଦାନ କରାଯାଇଥାଏ। ତାହା ମଧ୍ୟ ମିଳିନାହିଁ। ବାଲି ସିମେଣ୍ଟ ଇଟା ଯୋଗାଣକାରୀ ଟଙ୍କା ମାଗି ଆସିଲେ ଲୁଚିବାକୁ ପଡୁଛି ବୋଲି କେତେଜଣ ହିତାଧିକାରୀ ଅଭିଯୋଗ କରିଛନ୍ତି। ପ୍ରଶାସନିକ ଅଥବା ସରକାରଙ୍କ ଅବହେଳାରୁ ଯଦି ନିର୍ଦ୍ଧାରିତ ସମୟରେ ନିର୍ମାଣ କାର୍ଯ୍ୟ ସରିବ ନାହିଁ ତେବେ ଅତିରିକ୍ତ ପ୍ରୋତ୍ସାହନ ରାଶି ମିଳିବା ନେଇ ହିତାଧିକାରୀମାନଙ୍କ ମଧ୍ୟରେ ସନ୍ଦେହ ପ୍ରକାଶ ପାଇଛି। କୁରାଳ ପଞ୍ଚାୟତ କୁରାଳ ଗ୍ରାମର କେତେକ ହିତାଧିକାରୀ ଏହି ସମସ୍ୟା ଛନ୍ଦି ହୋଇପଡ଼ିଛନ୍ତି। ତେବେ ସମସ୍ୟା କେବଳ କୁରାଳ କିମ୍ବା ଓଡ଼ଗାଁ ବ୍ଲକ୍ ନୁହେଁ ସମଗ୍ର ନୟାଗଡ଼ ଜିଲାରେ ଏଭଳି ସମସ୍ୟା ଦେଖାଦେଇଛି।

କୁରାଳ ଗ୍ରାମର କାର୍ଯ୍ୟାଦେଶ ପାଇଥିବା ହିତାଧିକାରୀ ନମିତା ନାହାକ,ଚନ୍ଦ୍ରକଳା ନାହାକ ଏବଂ ଶ୍ରଦ୍ଧାଞ୍ଜଳୀ ପାଳଙ୍କ ସହିତ ଅନ୍ୟମାନେ ବର୍ଷାକୁ ଲକ୍ଷ୍ୟ କରି ଗୃହ କାର୍ଯ୍ୟକୁ ଶୀଘ୍ର ସାରିବା ପାଇଁ ତତ୍ପରତା ସହକାରେ ଛାତ ପତନ କଲେ। ଆଶା କରିଥିଲେ ୨ୟ କିସ୍ତି ଟଙ୍କା ମିଳିଲେ ଛାତ ପକାଇ ଘରେ ରହିବେ। ବର୍ଷା ପୂର୍ବରୁ ଛାତ ଘର କାମ ସରିବ । ହେଲେ ତାହା ସମ୍ଭବପର ହେଲା ନାହିଁ। ଗୃହ ନିର୍ମାଣ ପାଇଁ ପୁରୁଣା ବାସ ଗୃହ ଭାଙ୍ଗିବାକୁ ପଡ଼ିଥିବାରୁ ଲଗାଣ ବର୍ଷାରେ ଅସ୍ଥାୟୀ ଘରେ ପାଣି ଗଳୁଛି। ପ୍ରଶାସନ ଏଥିପ୍ରତି ସ୍ୱତନ୍ତ୍ର ଧ୍ୟାନ ଦେବାକୁ ଦାବି କରିଛନ୍ତି।

ସୂଚନା ଥାଉକି ଓଡ଼ଗାଁ ବ୍ଲକରେ ଅନ୍ତ୍ୟୋଦୟ ଗୃହ ଯୋଜନା କାର୍ଯ୍ୟାଦେଶ ପ୍ରଦାନକୁ ଦେଢ଼ମାସ ବିତିଲା ପରେ ମଧ୍ୟ ୧୨୮ ଜଣ ଅର୍ଥାତ୍ କୌଣସି ହିତାଧିକାରୀଙ୍କୁ ପ୍ରଥମ କିସ୍ତି ବାବଦରେ ଟଙ୍କା ମିଳି ନ ଥିବା ନେଇ ଗଣମାଧ୍ୟମରେ ଖବର ପ୍ରକାଶ ପରେ ହିତାଧିକାରୀଙ୍କୁ ପ୍ରଥମ କିସ୍ତି ଟଙ୍କା ମିଳିଥିଲା। ଏବେ ୨ୟ କିସ୍ତି ଅର୍ଥ ପାଇବା ପାଇଁ ପୁଣି ହିତାଧିକାରୀଙ୍କୁ ଅପେକ୍ଷା କରିବାକୁ ପଡ଼ିଛି। ପୂର୍ବରୁ ଆମ ଘର ଆପ୍ ମାଧ୍ୟମରେ ଜିଇଓ ଟାଗିଂ କରାଯାଇ କିସ୍ତି ଅର୍ଥ ହିତାଧିକାରୀଙ୍କ ଜମା ଖାତାକୁ ପଠାଇଦିଆ ଯାଉଥିଲା। ହେଲେ ଏବେ ପ୍ରତି ପଞ୍ଚାୟତରେ କାର୍ଯ୍ୟରତ ହିସାବ ରକ୍ଷକ ତଥ୍ୟ ନିକ୍ଷେପଣ ପରିଚାଳକ ନିର୍ମାଣାଧୀନ ଗୃହର ଜିଇଓ ଟାଗିଂ କରିବାକୁ ଚେଷ୍ଟା କଲାବେଳେ ଟାଗିଂ ହୋଇପାରୁନାହିଁ। ଫଳରେ ହିତାଧିକାରୀଙ୍କୁ ୨ୟ କିସ୍ତି ଅର୍ଥ ଦିଆଯାଇପାରୁ ନାହିଁ। ଏନେଇ ଜିଲା ପ୍ରଶାସନ ସହିତ ଯୋଗାଯୋଗ କରାଯାଇଛି। ଖୁବ ଶୀଘ୍ର ସମସ୍ୟାର ସମାଧାନ ହେବ ବୋଲି ବ୍ଲକ ପ୍ରଶାସନ ତରଫରୁ କୁହାଯାଇଛି।

# ନୟାଗଡ଼ରେ ଜିଲାସ୍ତରୀୟ ଯୋଗ ଦିବସ

ନୟାଗଡ଼,୨୧।୬ (ଲୋକାନାଥ ମିଶ୍ର)

ଶନିବାର ସକାଳେ ନୟାଗଡ଼ ସ୍ୱୟଂ ଶାସିତ ମହାବିଦ୍ୟାଳୟସ୍ଥିତ ଡ଼ାଇମଣ୍ଡ ଜୁବୁଲି ଅଡିଟୋରିୟମରେ ଜିଲାସ୍ତରୀୟ ଅନ୍ତର୍ଜାତିକ ଯୋଗ ଦିବସ ପାଳିତ ହୋଇ ଯାଇଛି। ମୁଖ୍ୟ ଅତିଥି ଭାବେ ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ, ଅତି କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ମନ୍ତ୍ରୀ ଗୋକୁଳାନନ୍ଦ ମଲିକ ଯୋଗ ଦେଇଥିଲେ।ଅନ୍ୟମାନଙ୍କ ମଧ୍ୟରେ ଖଣ୍ଡପଡ଼ା ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ, ଜିଲା ପରିଷଦ ଅଧ୍ୟକ୍ଷ ଇଂ.ଦେବାଶିଷ ପଟ୍ଟନାୟକ, ଜିଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ, ଅତିରିକ୍ତ ଜିଲାପାଳ ରୋଜିନା ଦାସ ,ଜିଲା ପରିଷଦ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଲଗ୍ନଜିତ ରାଉତ, ଉପ ଜିଲାପାଳ କର୍ଣ୍ଣ ଦେବ ସମାଦାର ଯୋଗଦେଇଥିଲେ। ଏକା ସାଙ୍ଗରେ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟକ୍ରମର ସିଧା ପ୍ରସାରଣ ଅଡିଟୋରିୟମ ଓ କଲେଜ ଖେଳ ପଡ଼ିଆରେ ଯୋଗ ଶିକ୍ଷକ ପରମାନନ୍ଦ ପରିଡା, ସୁଶାନ୍ତ କୁମାର ଚାନ୍ଦ, ପ୍ରତାପ ରାଣା ସିଂଙ୍କ ଦ୍ୱାରା ଯୋଗ ଅଭ୍ୟାସ ଏବଂ ଶପଥ ପାଠ କରାଯାଇଥିଲା । କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ର ଅଭିଭାବକ, ବରିଷ୍ଠ ନାଗରିକ, ବୁଦ୍ଧିଜୀବୀ, ବିଭିନ୍ନ ଅଧିକାରୀ, ଗଣମାଧ୍ୟମ ପ୍ରତିନିଧିଙ୍କ ସମେତ ସମାଜର ବିଭିନ୍ନ ବର୍ଗର ଜନତା ସାମିଲ ହୋଇଥିଲେ । ଅବକାରୀ ଅଧୀକ୍ଷକ ଓ ଜିଲା କ୍ରୀଡ଼ା ଅଧିକାରୀ ସୁଜାତା କୁମାରୀ ସାହୁ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଜ୍ୟୋତ୍ସ୍ନାମୟୀ ଆଚାର୍ଯ୍ୟ ପ୍ରମୁଖ ସହଯୋଗ କରିଥିଲେ।

## ଗାଁଦାଣ୍ଡରେ ଖଣ୍ଡାରେ ପିଟିଲେ, ଆଶାକର୍ମୀଙ୍କ ସହ ୨ ଆହତ

ନୟାଗଡ଼,୨୧।୬ (ଲୋକନାଥ ମିଶ୍ର)

**ପାର୍ବତୀପୁରରେ ଉତ୍ତେଜନା**

ନୟାଗଡ଼ ଜିଲା ଫତେଗଡ ଥାନା ପାର୍ବତୀପୁର ଗାଁରେ ଖଣ୍ଡାରେ ମାରପିଟ୍ ଯୋଗୁ ଆଶାକର୍ମୀ ଚୁନି ମହାପାତ୍ର ଆହତ ହୋଇଛନ୍ତି। ସେହିପରି ଗଣ୍ଡଗୋଳର ସମାଧାନ କରିବାକୁ ଆସି ଅନ୍ୟ ଜଣେ ଆହତ ହୋଇଛନ୍ତି। ଆଶାକର୍ମୀଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରାଯାଇଥିବା ଅଭିଯୋଗ ହୋଇଛି।ଶୁକ୍ରବାର ରାତିର ଘଟଣା ଜଣାପଡିବା ପରେ ପାର୍ବତୀପୁରରେ ଉତ୍ତେଜନା ଦେଖା ଦେଇଥିଲା। ଅଭିଯୋଗ ପରେ ପୋଲିସ ୨୦୧/୨୫ରେ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି। ଖଣ୍ଡପଡା ଏସ୍‌ଡିପିଓ ଓ ଫତେଗଡ ଥାନା ଆଇଆଇସି ଘଟଣାର ତଦନ୍ତ କରି ଫେରିଛନ୍ତି। ଆଶାକର୍ମୀଙ୍କ ଅଭିଯୋଗ ଅନୁସାରେ ଶୁକ୍ରବାର ରାତି ପ୍ରାୟ ୮ଟାରେ ପାର୍ବତୀପୁର ଗାଁରେ ଜଣେ ଗର୍ଭବତୀ ମହିଳାଙ୍କ ତରଳ ଝାଡା ହୋଇଥିଲା। ଖବର ପାଇ ଅଶା କର୍ମୀ ସଂପୃକ୍ତ ମହିଳାଙ୍କ ଘରକୁ ଯାଇ ଔଷଧ ଦେଇ ଫେରିଥିଲେ। ଆଶାକର୍ମୀ ଫେରୁଥିବାବେଳେ ସେହି ବାଟରେ ସୁବାସ ବେହେରା ନାମକ ଜଣେ ଯୁବକ ଅନ୍ୟ ଦୁଇ ଜଣଙ୍କ ସହ ମିଶି ମଦ୍ୟପାନ କରି ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ। ଘରକୁ ଯିବା ପାଇଁ ଆଶାକର୍ମୀ ସୁବାସଙ୍କୁ ବାଟ ଛାଡ କହିବାରୁ ସୁବାସ ଓ ତାଙ୍କ ସହଯୋଗୀ ଅଶ୍ଳୀଳ ଭାଷାରେ ଗାଳିଗୁଲଜ ଓ ମାରପିଟ୍ କରିଥିଲେ। ଏପର କି ଚୁଟି ଧରି ଲୁଗାକୁ ଟଣା ଓଟରା କରିଥିଲେ। ଗାଁର କେତେଜଣ ଲୋକଙ୍କ ସହାୟତାରେ ଆଶାକର୍ମୀ ଫେରୁଥିବାବେଳେ ପୁଣି ସୁବାସ ଖଣ୍ଡାରେ ତାଙ୍କ ମୁଣ୍ଡକୁ ପିଟି ଫେରାର ହୋଇ ଯାଇଥିଲେ। ଏଥିରେ ଆଶାକର୍ମୀ ତଳେ ଅଚେତ ହୋଇ ପଡିଥିଲେ। ଅନ୍ୟପକ୍ଷେ ବିବାଦର ସମାଧାନ ପାଇଁ ଘଟଣାସ୍ଥଳରେ ଥିବା ମାୟାଧର ପ୍ରଧାନ ମଧ୍ୟ ଆହତ ହୋଇଛନ୍ତି। ଉଭୟ ଭାପୁର ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହୋଇ ଫେରିଛନ୍ତି।


ଆହତ ଆଶା କର୍ମୀ।

# ରାସ୍ତା ପାଇଁ ହୀନସ୍ତା ହେଉଛନ୍ତି କୁମ୍ଭାରସାହି ଗ୍ରାମବାସୀ

ଦଶପଲ୍ଲା,୨୧।୬ (ପ୍ରକାଶ କୁମାର ପାଣି)

ସ୍ୱାଧୀନତାର ୭୬ ବର୍ଷ ପରେ ବି ଗାଁ କୁ ନାହିଁ ରାସ୍ତା। ମୌଳିକ ସୁବିଧା ସୁଯୋଗରୁ ବଞ୍ଚିତ ତିଳାବାଡି କୁମ୍ଭାରସାହି ଗ୍ରାମବାସୀ। ଦଶପଲ୍ଲା ବ୍ଲକ ଅନ୍ତର୍ଗତ ଟାକରା ପଞ୍ଚାୟତର କୁମ୍ଭାରସାହି। ଏହି ଗ୍ରାମରେ ୨୦ଟି ପରିବାର ରୁହନ୍ତି। ବହୁ ଖାଲରେ ପରିପୂର୍ଣ୍ଣ ରାସ୍ତାରେ ଏମାନେ ଯାତାୟତ କରନ୍ତି। ଏବେ ସେହି ଖାଲରେ ବର୍ଷା ପାଣି ଜମି ରହିଛି। କାଦୁଅରେ ବୁଡି ରହିଥିବା ଏହି ରାସ୍ତାରେ ୧୦୮ ଆମ୍ବୁଲାନ୍ସ ଯାଇପାରୁନାହିଁ । ଲୋକେ କୌଣସି ଗାଡ଼ିରେ ବି ରୋଗୀମାନଙ୍କୁ ଡାକ୍ତରଖାନା ଆଣି ପାରୁନାହାନ୍ତି । ଫଳରେ ସାଧାରଣ ଜୀବନଯାତ୍ରା ସତେ ଯେମିତି ଏହି ରାସ୍ତା ପାଇଁ ଅଚଳ ହୋଇପଡିଛି। ଏ ସମ୍ପର୍କରେ ବାରମ୍ବାର ପ୍ରଶାସନକୁ ଗୁହାରି କଲେ ମଧ୍ୟ ଅଦ୍ୟାବଧି କୈଣସି ଠୋସ ପଦକ୍ଷେପ ନିଆଯାଇନାହିଁ। ନୟାଗଡ଼ ଜିଲା ଦଶପଲ୍ଲା ବ୍ଲକ ଟାକରା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ତିଳାବାଡି କୁମ୍ଭାରସାହି ଗ୍ରାମକୁ ସଂଯୋଗ କରୁଥିବା ଉକ୍ତ ରାସ୍ତାଟି ଏବେ ମରଣଯନ୍ତା ପାଲଟିଛି । ସାମାନ୍ୟ ବର୍ଷା ହେଲେ ଉକ୍ତ ରାସ୍ତାରେ ଆଣ୍ଠୁଏ ଉଚ୍ଚର ପାଣି ଜମି ରହୁଛି । ଫଳରେ ପ୍ରତିଦିନ ଏହି ରାସ୍ତା ଉପରେ ନିର୍ଭର କରୁଥିବା କୁମ୍ଭାରସାହିର ଲୋକମାନେ ଏଥିପାଇଁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେଣୁ ପ୍ରଶାସନ ଦୃଷ୍ଟି ଆଢୁଆଳରେ ଥିବା ଏହି ରାସ୍ତାକୁ ସବୁଦିନିଆ ରାସ୍ତାରେ ପରିଣତ କରିବାକୁ କୁମ୍ଭାରସାହିବାସୀ ଦାବି କରିଛନ୍ତି।


କର୍ଦ୍ଦମାକ୍ତ ହୋଇଥିବା ରାସ୍ତା।

# ସୁସ୍ଥ ଜୀବନ ଯାପନ ପାଇଁ ଯୋଗ ନିତାନ୍ତ ଆବଶ୍ୟକ

ସୁସ୍ଥ ଜୀବନ ଯାପନ ପାଇଁ ଯୋଗ ନିତାନ୍ତ ଆବଶ୍ୟକ। ଯୋଗ କେବଳ ଶରୀର ନୁହେଁ, ମାନସିକ ଶାନ୍ତି ଓ ଏକାଗ୍ରତା ପାଇଁ ଗୁରୁତ୍ୱପୂର୍ଣ୍ଣ। ବିଶ୍ୱରେ ଯୋଗ ପ୍ରତି ସଚେତନତା ସୃଷ୍ଟି କରିବା ପାଇଁ ଶନିବାର ଅନ୍ତର୍ଜାତୀୟ ଯୋଗ ଦିବସ ପାଳନ କରାଯାଇଛି। ଯାଜପୁର ଜିଲାର ବିଭିନ୍ନ ସ୍ଥାନରେ ଲୋକେ ଯୋଗ ଦିବସ ପାଳନ କରିବା ସହ ଯୋଗାଭ୍ୟାସ କରିଛନ୍ତି।


ପତଞ୍ଜଳି ଯୋଗ ସମିତି ଓ ଧର୍ମଶାଳା ମହାବିଦ୍ୟାଳୟ ଜାତୀୟ ସେବା ଯୋଜନା ପକ୍ଷରୁ ମହାବିଦ୍ୟାଳୟ ପରିସରରେ ଯୋଗ ଚାଲିଛି।


ରସୁଲପୁର ବ୍ଲକ ଅନ୍ତର୍ଗତ ହରିପୁର ନିକଟ ଜଗନ୍ନାଥ ମଠ ପଡ଼ିଆରେ ବିଶ୍ୱହିନ୍ଦୁ ପରିଷଦ ଓ ବଜରଙ୍ଗ ଦଳ ଶ୍ରୀରାମପୁର ପ୍ରଖଣ୍ଡ ତରଫରୁ ଆୟୋଜିତ ଯୋଗ ଶିବିରରେ ସାମିଲ ହୋଇଥିବା କର୍ମକର୍ତ୍ତା।



ବ୍ୟାସନଗର ସ୍ୱୟଂ ଶାସିତ କଲେଜ ଇନ୍‌ଡୋର ଷ୍ଟାଡିୟମରେ ପତଞ୍ଜଳିଯୋଗ ସମିତି ଓ ଭାରତ ସ୍ୱାଭିମାନ ନ୍ୟାସ ପକ୍ଷରୁ ଯୋଗ ଶିବିର।


ଦାନଗଦି ବ୍ଲକ୍ ପରିସରରେ ଥିବା ଦାନଗଦି ଭବନଠାରେ ବ୍ଲକ୍ କାର୍ଯ୍ୟାଳୟ ପକ୍ଷରୁ ଯୋଗ କରାଯାଉଛି।


ବ୍ୟାସନଗର ସ୍ୱାସ୍ଥ୍ୟ ସୁରକ୍ଷା ମଞ୍ଚ ପକ୍ଷରୁ ବ୍ୟାସନଗର ଇନ୍‌ଡୋର ଷ୍ଟାଡିୟମଠାରେ ଯୋଗ କରାଯାଉଛି।


ବିଞ୍ଝାରପୁର ବ୍ଲକ କାର୍ଯ୍ୟାଳୟ ପରିସରରେ ଅଧିକାରୀ ଓ କର୍ମଚାରୀ ଯୋଗ କରୁଛନ୍ତି।


କଳିଙ୍ଗନଗର ଟାଟା ଷ୍ଟିଲ୍ କଲୋନି ପରିସରରେ ଯୋଗଭ୍ୟାସ କରାଯାଉଛି।


ସୁକିନ୍ଦା ବ୍ଲକ୍ ଅଧୀନ ବାଲେଶ୍ୱର ଆଲଏଜ ଖଣି କମ୍ପାନୀର ଅଧିକାରୀ ଓ କର୍ମଚାରୀ ଯୋଗ କରୁଛନ୍ତି।


ଯାଜପୁର ଜିଲା ସଦର ମହକୁମା ଇନ୍‌ଡୋର ଷ୍ଟାଡିୟମଠାରେ ଅନୁଷ୍ଠିତ ଯୋଗ ଶିବିରରେ ଜିଲାପାଳ ଓ ଏମ୍‌ପିଙ୍କ ସମେତ ଅନ୍ୟମାନେ ଯୋଗ କରୁଛନ୍ତି।


ବିଞ୍ଝାରପୁର ସୁରଭି ପରିବାର ପକ୍ଷରୁ ସିଂହପୁରସ୍ଥିତ କାକୁଡ଼ି ପଡ଼ିଆରେ ଯୋଗ କରାଯାଉଛି।



ଏରସମା ବ୍ଲକ ପରିସରରେ ଆୟୋଜିତ ଯୋଗ ଶିବିର।



କୁଜଙ୍ଗ ବ୍ଲକ ପ୍ରଶାସନ ପକ୍ଷରୁ ଯୋଗଶିବିର ଆୟୋଜନ କରାଯାଇଛି।

# ସୁନ୍ଦର ସ୍ୱାସ୍ଥ୍ୟ, ପୃଥିବୀ ପାଇଁ ଯୋଗ ଜରୁରୀ

**ତିର୍ତ୍ତୋଲ, ୨୧।୬ (ଗୌରାଙ୍ଗ ଚରଣ ସ୍ୱାଇଁ)**

ତିର୍ତ୍ତୋଲ ଅଦାଲତ ପରିସରରେ ୧୧ତମ ଅନ୍ତର୍ଜାତୀୟ ଯୋଗ ଦିବସ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଦାଲତର ବିଚାରପତି ପାରସ ପାଢୀ, ତାଲୁକ ଆଇନ ସେବା ସଦସ୍ୟ ଆଇନଜୀବୀ ସରୋଜ କୁମାର ପାଣିଗ୍ରାହୀ, ତିର୍ତ୍ତୋଲ ବାର ଆସୋସିଏଶନ ସଭାପତି ଆହ୍ଲାଦ କୁମାର ପରିଡା, ଆଇନଜୀବୀ ପ୍ରଶାନ୍ତ କୁମାର ରାୟ ପ୍ରମୁଖ ଯୋଗଦେଇ ଏହି ଦିବସର ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ସେହିପରି ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର କୋଲର ଆନୁକୂଲ୍ୟରେ କୋଲର ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ୧୧ ତମ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି। ଆୟୁଷ ବିଭାଗର ଡାକ୍ତର ସତ୍ୟ କାନୁନ୍‌ଗାଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା।

**ଏରସମା, ( ଦୀପ୍ତି ଖଣ୍ଡୁଆଳ ):** ଏରସମା ବ୍ଲକ ପରିସରରେ ଯୋଗ ଦିବସ ପାଳିତ ହୋଇଯାଇଛି। ବିଡିଓ ଦାଶରଥି ଜେନା ଏହାକୁ ଉଦ୍‌ଘାଟନ କରିଥିଲେ। ଏଥିରେ ଭୁବନେଶ୍ୱରରୁ ଆସିଥିବା ପ୍ରଶିକ୍ଷକ ପ୍ରଣୟ ପଟ୍ଟନାୟକ, ଅମରେନ୍ଦ୍ର ଭୂୟାଁ ଯୋଗ ଦେଇ ଯୋଗ ପ୍ରଶିକ୍ଷଣ ଦେଇଥିଲେ। ତହସିଲଦାର ସ୍ନିଗ୍ଧା ଶ୍ରଦ୍ଧାଞ୍ଜଳି ବେହେରା, ଏବିଡିଓ ଜ୍ଞାନେନ୍ଦ୍ର ଲେଙ୍କା, ଅତିରିକ୍ତ ତହସିଲଦାର ଦେବେନ୍ଦ୍ର ପାଲ, ଏମପିଙ୍କ ପ୍ରତିନିଧି ଜଟାଧାରୀ ସ୍ୱାଇଁ, କାର୍ଯ୍ୟକ୍ରମ ସଂଯୋଜକ ନଳିନୀ ରଞ୍ଜନ ମନ୍ତ୍ରୀ, ପରିଚାଳକ ଜ୍ଞାନ ରଞ୍ଜନ ବାରିକ ପ୍ରମୁଖ ଶିବିରରେ ସାମିଲ ହୋଇଥିଲେ।

**କୁଜଙ୍ଗ, (ମନୋଜ ପ୍ରଧାନ):** କୁଜଙ୍ଗ ବ୍ଲକ ପ୍ରଶାସନ ପକ୍ଷର ୧୧ତମ ଆନ୍ତର୍ଜାତିକ ଯୋଗ ଦିବସ ସୂଚନା କେନ୍ଦ୍ର ପରିସରରେ ଅନୁଷ୍ଠିତ ହୋଇଯାଇଛି । କୁଜଙ୍ଗ ବିଡିଓ ଦୀପକ ପ୍ରସାଦ ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ମାନସିକ ଚାପ, ଉଦ୍‌ବେଗ, ନାନାଦି ରୋଗରୁ ମୁକ୍ତି ପାଇଁ ଯୋଗ ଜରୁରୀ ବୋଲି ସେ କହିଥିଲେ। ସୁସ୍ଥ ଜୀବନଚର୍ଯ୍ୟା ପାଇଁ ଯୋଗ ଆବଶ୍ୟକ ବୋଲି ସେ ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ମଣ୍ଡଳ ଉନ୍ନୟନ ଅଧିକାରୀ ପ୍ରଶାନ୍ତ କୁମାର ଜେନା, ବିବି ହାଇସ୍କୁଲର ବରିଷ୍ଠ ଶିକ୍ଷୟିତ୍ରୀ ରୁନିବାଲା ମଲ୍ଲିକ, ବ୍ଲକ କଲ୍ୟାଣ ଅଧିକାରୀ ସୁଶ୍ରୀ ସଂଗୀତା ବଡୁ ପ୍ରମୁଖ ସାମିଲ ହୋଇଥିଲେ।

**ନାଉଗାଁ,(ସୁଧା ବେହୁରା):** ନାଉଗାଁ ବ୍ଲକର ବିଭିନ୍ନ ବିଦ୍ୟାଳୟରେ ଯୋଗ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଅଲଣାହାଟ ଉଚ୍ଚ ବଦ୍ୟାଳୟ ପରିସରରେ ଆୟୋଜିତ ଶିବିରରେ ୭୨ ଜଣ କ୍ୟାଡେଟ, ଆଲୁମ୍‌ନି ଓ ବିଭିନ୍ନ ପଦାଧିକାରୀ ଯୋଗଦେଇଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଉମେଶ ଚନ୍ଦ୍ର ରାଉତ ଏହାକୁ ଉଦ୍‌ଘାଟନ କରି ସୁନ୍ଦର ପୃଥିବୀ ଓ ସ୍ୱାସ୍ଥ୍ୟ ପାଇଁ ଯୋଗ ଆବଶ୍ୟକ ବୋଲି ମତବ୍ୟକ୍ତ କରିଥିଲେ। ଶିବିରରେ ଏନ୍‌ସିସି ଅଫିସର ଅମୂଲ ମିଶ୍ର, ଅଭିଜିତ ପରିଡା, ରଶ୍ମିପ୍ରଭା ରାଉତ, ବସନ୍ତ କୁମାର ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ। ସେହିପରି ନାଉଗାଁ ହାଟ ସରକାରୀ ଉଚ୍ଚ ବିଦ୍ୟାଳୟରେ ପ୍ରଧାନ ଶିକ୍ଷୟିତ୍ରୀ ସନ୍ତୋଷିନୀ ସେଠୀଙ୍କ ପୌରୋହିତ୍ୟରେ ବିଦ୍ୟାଳୟ ପରିସରରେ ଯୋଗ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ନାଉଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଯୋଗ ପ୍ରଶିକ୍ଷକ ପ୍ରସନ୍ନ କୁମାର ମହାପାତ୍ର ଯୋଗ ଦେଇ ପିଲାମାନଙ୍କୁ ବିଭିନ୍ନ ଆସନ ଓ ପ୍ରାଣାୟାମ ଅଭ୍ୟାସ କରାଇଥିଲେ।



ନାଉଗାଁରେ ଅନୁଷ୍ଠିତ ଯୋଗ ଶିବିରରେ ଛାତ୍ରୀଛାତ୍ର ଓ ଅନ୍ୟମାନେ ଯୋଗ କରୁଛନ୍ତି।



ଜିଲାସ୍ତରୀୟ ଅନ୍ତର୍ଜାତୀୟ ଯୋଗ ଦିବସରେ ଜିଲାପାଳ ଜେ.ସୋନାଲ ଓ ଅନ୍ୟମାନେ ଯୋଗାଭ୍ୟାସ କରୁଛନ୍ତି।

# ଆତ୍ମାକୁ ପରମାତ୍ମାଙ୍କ ସହ ସଂଯୋଗ କରିବାରେ ସହାୟକ ହୁଏ ଯୋଗ

**ଜଗତସିଂହପୁର, ୨୧।୬**
**(ପ୍ରମୋଦ କୁମାର ନାୟକ)**

## ଜଗତ୍‌ସିଂହପୁର ଜିଲାରେ ଅନ୍ତର୍ଜାତୀୟ ଯୋଗ ଦିବସ

ଯୋଗ ହେଉଛି ପ୍ରାଚୀନ ଭାରତର ପରମ୍ପରା। ସମଗ୍ର ବିଶ୍ୱ ତଥା ଭାରତ ବର୍ଷରେ ଏହି ମହାନ ପରମ୍ପରାକୁ ପୁନର୍ଜୀବିତ କରିବା ପାଇଁ ପ୍ରତିବର୍ଷ ଜୁନ ୨୧ ତାରିଖରେ ଅନ୍ତର୍ଜାତୀୟ ଯୋଗ ଦିବସ ପାଳନ କରାଯାଉଛି। ସମ୍ପ୍ରତି ବ୍ୟସ୍ତବହୁଳ ଜୀବନରେ ଏହି ଯୋଗର ଉପାଦେୟତା ବଢ଼ିଯାଇଛି। ପ୍ରତ୍ୟହ ଯୋଗାଭ୍ୟାସ କଲେ ଶରୀର ଓ ମନ ସୁସ୍ଥ ରଖିବା ସହ କାର୍ଯ୍ୟ ସମ୍ପାଦନ ପାଇଁ ଉର୍ଜା ଯୋଗାଇଥାଏ। ତେଣୁ ଛୋଟରୁ ବଡ ପର୍ଯ୍ୟନ୍ତ ସଭିଏଁ ଯୋଗ କରିବା ଜରୁରୀ। କେବଳ ଏତିକି ନୁହେଁ, ଯୋଗ ମନୁଷ୍ୟର ଆତ୍ମାକୁ ପରମାତ୍ମାଙ୍କ ସହ ସଂଯୋଗ କରିବା କ୍ଷେତ୍ରରେ ବେଶ୍ ସହାୟକ ହୋଇଥାଏ। ଶନିବାର ସ୍ଥାନୀୟ ବିଜୁ ପଟ୍ଟନାୟକ ବହୁମୁଖୀ ଇନ୍‌ଡୋର୍ ଷ୍ଟାଡିୟମ ପରିସରରେ ଆୟୋଜିତ ଜିଲାସ୍ତରୀୟ ୧୧ତମ ଅନ୍ତର୍ଜାତୀୟ ଯୋଗ ଦିବସ ପାଳନ କାର୍ଯ୍ୟକ୍ରମରେ ଏହା କୁହାଯାଇଛି।

ଜିଲାପାଳ ଜେ. ସୋନାଲଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜଗତ୍‌ସିଂହପୁର ବିଧାୟକ ଅମରେନ୍ଦ୍ର ଦାସ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ ଜ୍ୟୋତି ଶଙ୍କର ରାୟ, ଜିଲା ପରିଷଦ ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ ରବି ନାରାୟଣ ଜେଠୀ, ଉପ ଜିଲାପାଳ ପ୍ରଶାନ୍ତ କୁମାର ତରାଇ, ଜଗତ୍‌ସିଂହପୁର ପୌରାଧ୍ୟକ୍ଷା ଅର୍ଚ୍ଚନା ସିଂହ, ଜିଲା କ୍ରୀଡା ଅଧିକାରୀ ବିଶ୍ୱ ବିଜୟିନୀ ପଟ୍ଟନାୟକ, ଜଗତ୍‌ସିଂହପୁର ପୌର ନିର୍ବାହୀ ଅଧିକାରୀ ସୀମା ଜେନା, ଅବକାରୀ ନିରୀକ୍ଷକ ଅନିତା ପ୍ରଧାନ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ, ଅନ୍ୟ ଜିଲାସ୍ତରୀୟ ଅଧିକାରୀ, କର୍ମଚାରୀ, ସାଧାରଣ ଜନତା ଓ ଛାତ୍ରୀଛାତ୍ରମାନେ ଉପସ୍ଥିତ ରହି ଯୋଗଶିକ୍ଷା କରିଥିଲେ। ସେହିପରି ପତଞ୍ଜଳି ଯୋଗ ସମିତି ପକ୍ଷରୁ ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଓ ଜିଲା ଆଇନ ସେବା ପ୍ରାଧିକରଣ ତରଫରୁ ସ୍ଥାନୀୟ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପ୍ରାଙ୍ଗଣରେ ଏହି ଦିବସ ପାଳିତ ହୋଇଯାଇଛି।

# ବ୍ଲକ, ତହସିଲ, ବିଇଓ କାର୍ଯ୍ୟାଳୟରେ କର୍ମଚାରୀ ଅଭାବ

**ରଘୁନାଥପୁର,୨୧।୬(ରାଜେନ୍ଦ୍ର ନାରାୟଣ ସିଂହ)**

ଜଗତ୍‌ସିଂହପୁର ଜିଲା ରଘୁନାଥପୁର ବ୍ଲକ, ତହସିଲ ଓ ବ୍ଲକ ଶିକ୍ଷାଧିକାରୀ କାର୍ଯ୍ୟାଳୟ (ବିଇଓ)ଙ୍କ କାର୍ଯ୍ୟାଳୟରେ କର୍ମଚାରୀ ଅଭାବରୁ ବିଭିନ୍ନ ପ୍ରକାର ଜନକଲ୍ୟାଣମୂଳକ କାର୍ଯ୍ୟ ବାଧାପ୍ରାପ୍ତ ହେଉଛି। ଲୋକେ କୌଣସି କାର୍ଯ୍ୟରେ ଉକ୍ତ କାର୍ଯ୍ୟାଳୟକୁ ଆସି ଉପଯୁକ୍ତ ସେବା ପାଇବାରୁ ବଞ୍ଚିତ ହେଉଛନ୍ତି। ଏନେଇ ସାଧାରଣରେ ଉଦ୍‌ବେଗ ପ୍ରକାଶ ପାଇଛି। ସୂଚନାଯୋଗ୍ୟ, ବ୍ଲକରେ ଏବିଡିଓଙ୍କ ସହ ୫ କନିଷ୍ଠ ଯନ୍ତ୍ରୀ, ଜିପିଟିଏ ୧, ପ୍ରୋଗ୍ରେସ ଆସିଷ୍ଟାଣ୍ଟ ୧, ଡବ୍ଲୁଇଓ ୧, ବିଏସ୍‌ଏସ୍‌ଓ ୧, ବରିଷ୍ଠ ସହାୟକ ୨, କନିଷ୍ଠ ସହାୟକ ୧, ପିଇଓ ୫, ଏଡିଇଓ ୮ ଓ ୪ ପିଅନ ପଦବୀ ଖାଲି ପଡିଛି। ସେହିପରି ତହସିଲ ଓ ବିଭିନ୍ନ ଆରଆଇ ସର୍କଲରେ ବରିଷ୍ଠ ସହାୟକ ୧, ଏଆରଆଇ ୫, ଅମିନ ୩, ପିଅନ ୧୧, ୱାଚମ୍ୟାନ ୧, ଚେନମ୍ୟାନ ୧ ଓ ୨ ପ୍ରୋସେସର ପଦବୀ ଖାଲି ପଡିଛି। କର୍ମଚାରୀ ଅଭାବ ଯୋଗୁ ଅତିରିକ୍ତ ତହସିଲଦାରଙ୍କୁ ସବ୍‌ରେଜିଷ୍ଟ୍ରାର ଦାୟିତ୍ୱ ଦିଆଯାଇଛି। ତାଙ୍କୁ ୨ଟି ଅଫିସର କାର୍ଯ୍ୟ ନିର୍ବାହ କରିବାକୁ ପଡୁଛି। ସେହିପରି ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ବିଇଓ ଦାୟିତ୍ୱରେ ବିରିଡି ବ୍ଲକ ଶିକ୍ଷାଧିକାରୀ ଥିବାବେଳେ,୧ ଏବିଇଓ ଓ ମୁଖ୍ୟ କିରାଣି ପଦବୀ ଖାଲି ପଡିଛି। ଜୁନ ୩୦ରେ ଜଣେ ଏବିଇଓ ଅବସର ନେବା ପରେ ଏକମାତ୍ର ଏବିଇଓଙ୍କ ଦ୍ୱାରା କାମ କାର୍ଯ୍ୟ କରିବା ଅସମ୍ଭବ ହୋଇପଡ଼ିଛି। ଅନ୍ୟ ବ୍ଲକର ଡବ୍ଲୁଇଓ ଏବଂ ବିଏସ୍‌ଏସ୍‌ଓଙ୍କୁ ଏହି ବ୍ଲକରେ ଅତିରିକ୍ତ ଦାୟିତ୍ୱ ଦିଆଯାଇଥିଲେ ମଧ୍ୟ ଦୁଇଟି ସ୍ଥାନରେ ଉପଯୁକ୍ତ ସେବା ଯୋଗାଇବା ସେମାନଙ୍କ ପାଇଁ ସମ୍ଭବ ହେଉନାହିଁ। ରାଜ୍ୟ ସରକାରଙ୍କ ପକ୍ଷରୁ ସାଧାରଣ ଜନତାଙ୍କୁ ତୁରନ୍ତ ସେବା ଉପଲବ୍ଧ କରାଇବା ପାଇଁ ନିର୍ଦ୍ଦେଶ ଦିଆଯାଇଥିବାବେଳେ ବିଭିନ୍ନ କାର୍ଯ୍ୟାଳୟରେ କର୍ମଚାରୀ ଅଭାବ ଏଥିରେ ପ୍ରତିବନ୍ଧକ ସାଜିଛି ବୋଲି ଅଞ୍ଚଳବାସୀ କହିଛନ୍ତି। ତୁରନ୍ତ ବ୍ଲକ, ତହସିଲ ଓ ବିଇଓ ଅଫିସରେ କର୍ମଚାରୀ ନିଯୁକ୍ତି ପାଇଁ ସାଧାରଣ ଜନତାଙ୍କ ପକ୍ଷରୁ ଜିଲାପାଳ ଓ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି।

ଏ ସମ୍ପର୍କରେ ବିଡିଓ ବିରଞ୍ଚି ନାରାୟଣ ବେହେରାଙ୍କୁ ପଚାରିବାରେ କର୍ମଚାରୀ ଅଭାବ ସମ୍ପର୍କରେ ଜିଲା ପ୍ରଶାସନକୁ ଅବଗତ କରାଯାଇଛି। ଜିଲା ପ୍ରଶାସନର ନିଷ୍ପତ୍ତି ଅନୁସାରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ।

# ମନ,ଶରୀରକୁ ସୁସ୍ଥ ରଖେ ଯୋଗ : ମନ୍ତ୍ରୀ ସମ୍ପଦ



ପାରାଦୀପ ପୌରପରିଷଦରେ ଆୟୋଜିତ ଯୋଗ କାର୍ଯ୍ୟକ୍ରମ।

**ପାରାଦୀପ.୨୧।୬(ଶରତ ରାଉତ)**

ପାରାଦୀପର ବିଭିନ୍ନ ସ୍ଥାନରେ ଶନିବାର ୧୧ତମ ଆନ୍ତର୍ଜାତିକ ଯୋଗ ଦିବସ ପାଳିତ ହୋଇଛି। ପାରାଦୀପ ପୌର ପରିଷଦ ପକ୍ଷରୁ ବତୀଘର ପାଖ ବେଳାଭୂମିରେ ସମୂହ ଯୋଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ପାରାଦୀପ ବିଧାୟକ ତଥା ଶିଳ୍ପ ମନ୍ତ୍ରୀ ସମ୍ପଦ ସ୍ୱାଇଁ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ, ଅତିରିକ୍ତ ଜିଲାପାଳ ନିରଞ୍ଜନ ବେହେରା, ନିର୍ବାହୀ ଅଧିକାରୀ ଅଭିଷେକ ପଣ୍ଡା, ଇଫ୍‌କୋ ଲୋକସମ୍ପର୍କ ଅଧିକାରୀ ପ୍ରସନ୍ନ କୁମାର ବେଉରା ପ୍ରମୁଖ ସାମିଲ ହୋଇଥିଲେ। ଭାରତର ଯୋଗକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସମଗ୍ର ବିଶ୍ୱରେ ପହଞ୍ଚାଇଛନ୍ତି। ଆଜି ବିଶ୍ୱର ୨୦୦ ଦେଶରେ ଯୋଗ ଦିବସ ପାଳନ କରାଯାଉଛି। ଯୋଗ ଦ୍ୱାରା ଶରୀର ଓ ମନ ସୁସ୍ଥ ରହିଥାଏ ବୋଲି ସ୍ୱାଇଁ କହିଥିଲେ।ଉକ୍ତ ଶିବିରରେ ହଜାରରୁ ଅଧିକ ଜନସାଧାରଣ ସାମିଲ ହୋଇଥିଲେ। ଏହି ଅବସରରେ ଯୋଗଗୁରୁ କଳ୍ପତରୁ ମନ୍ତ୍ରୀଙ୍କୁ ସମ୍ମାନିତ କରାଯାଇଥିଲା। ସେହିପରି ପାରାଦୀପ ବନ୍ଦର ପ୍ରାଧିକରଣ ପକ୍ଷରୁ ସ୍ଥାନୀୟ ଗୋପବନ୍ଧୁ ଷ୍ଟାଡିୟମରେ ଯୋଗ ଶିବିର ଆୟୋଜିତ ହୋଇଥିଲା । ଏଥିରେ ବନ୍ଦର ଅଧ୍ୟକ୍ଷ ପି.ଏଲ. ହାରାନ୍ଧ ଯୋଗ ଦେଇଥିଲେ। ସିଆଇଏସ୍‌ଏଫ, ବିଭିନ୍ନ ଅନୁଷ୍ଠାନ, ସ୍କୁଲ ଛାତ୍ରୀଛାତ୍ର ଓ ସାଧାରଣ ଲୋକ ଭାଗ ନେଇଥିଲେ। କୋଷ୍ଟଗାର୍ଡ ପକ୍ଷରୁ ଗତ ୧୦ ତାରିଖରୁ ଆରମ୍ଭ ହୋଇଥିବା ଯୋଗ କାର୍ଯ୍ୟକ୍ରମ ଶନିବାର ଶେଷ ହୋଇଛି। ଏହି ଉପଲକ୍ଷେ ୧୧ ଦିନ ଧରି ଶିବିର, ଚାରା ରୋପଣ, ପରିବେଶ ଉପଯୋଗୀ ସଚେତନତା ଶିବିର ଆଦି କରାଯାଇଥିଲା। ସେହିପରି ତୈଳ ବିଶୋଧନାଗାର, ଇଫ୍‌କୋ, ପିପିଏଲ୍, ଜେଏସ୍‌ଡବ୍ଲ୍ୟୁ, ଏଏମ୍‌ଏନ୍‌ଏସ ଆଦି କାରଖାନା ପରିସରରେ ଯୋଗ ଶିବିର ଆୟୋଜନ କରାଯାଇଥିଲା। ଆନ୍ତର୍ଜାତିକ ସ୍କୁବା ଡାଇଭର ସବୀର ବକ୍ସ ଓ ତାଙ୍କ ପାଖରେ ତାଲିମ ନେଉଥିବା ପିଲାମାନେ ମହାନଦୀ ଜଳରାଶିରେ ଯୋଗ କରିଥିଲେ।

# ଖାଦ୍ୟ ନିରାପତ୍ତା ବିଭାଗ ପକ୍ଷରୁ ଯାଞ୍ଚ

**ପାରାଦୀପ, ୨୧।୬(ଶରତ ରାଉତ)**

ସମ୍ଭାବ୍ୟ ଝାଡ଼ାବାନ୍ତି ବ୍ୟାପିବା ଘଟଣାକୁ ନେଇ ଶନିବାର ସନ୍ଧ୍ୟାରେ ଜିଲା ଖାଦ୍ୟ ସୁରକ୍ଷା ନିରାପତ୍ତା ବିଭାଗ ପକ୍ଷରୁ ବିଭିନ୍ନ ସ୍ଥାନରେ ଯାଞ୍ଚ କରାଯାଇଛି। ବିଶେଷ କରି ରାସ୍ତା କଡ଼ ଫାଷ୍ଟଫୁଡ ଦୋକାନ ଓ ବଡ଼ପଡିଆ ବଜାରରେ ଥିବା ହୋଟେଲଗୁଡ଼ିକରେ ଖାଦ୍ୟର ମାନ ଯାଞ୍ଚ କରାଯାଇଛି ବୋଲି ଜିଲ୍ଲା ଖାଦ୍ୟ ସୁରକ୍ଷା ନିରାପତ୍ତା ଅଧିକାରୀ ସମୀତା ଦାସ ସୂଚନା ଦେଇଛନ୍ତି। ସନ୍ଧ୍ୟା ସମୟରେ ପାରାଦୀପରେ ବର୍ଷା ଲାଗି ରହିଥିଲା। ସେହି ସମୟରେ ହାତ ଗଣତି ଦୋକାନୀଙ୍କୁ ଚେତାବନୀ ଦିଆଯାଇଛି ବୋଲି ଦାସ କହିଛନ୍ତି। ଏଥିସହିତ ପିଇବା ପାଣି ମଧ୍ୟ ଯାଞ୍ଚ କରାଯାଇଛି ବୋଲି ସେ କହିଛନ୍ତି।



ଖାଦ୍ୟ ନିରାପତ୍ତା ବିଭାଗ ପକ୍ଷରୁ ଖାଦ୍ୟ ଯାଞ୍ଚ୍ କରାଯାଉଛି।

# ଚା'ଦୋକାନରେ ଜନସାଧାରଣଙ୍କୁ ଭେଟିଲେ ଶିଳ୍ପମନ୍ତ୍ରୀ



ଶନିବାର ଶିଳ୍ପ ମନ୍ତ୍ରୀ ସମ୍ପଦ ସ୍ୱାଇଁ ଜନସାଧାରଣଙ୍କ ସହ ଆଲୋଚନା କରୁଛନ୍ତି।

**ପାରାଦୀପ, ୨୧।୬(ଶରତ ରାଉତ)**

ପାରାଦୀପ ଆଦର୍ଶଥାନା ପାଖରେ ଥିବା ଏକ ଚା'ଦୋକାନରେ ଶନିବାର ଶିଳ୍ପ ମନ୍ତ୍ରୀ ସମ୍ପଦ ସ୍ୱାଇଁ ହଠାତ ପହଞ୍ଚି ଥିଲେ। ସେଠାରେ ସେ ସାଧାରଣ ଲୋକଙ୍କ ସହ ଚା' ପିଇବା ସହ ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ। ସକାଳେ ଆନ୍ତର୍ଜାତିକ ଯୋଗ ଦିବସ କାର୍ଯ୍ୟକ୍ରମ ଯୋଗଦେଇ ସର୍କିଟ ହାଉସ ଫେରିବା ବେଳେ ମନ୍ତ୍ରୀ ସ୍ୱାଇଁ ଉକ୍ତ ଦୋକାନରେ ପହଞ୍ଚି ଥିଲେ। ସୂଚନାଯୋଗ୍ୟ, ମନ୍ତ୍ରୀ ସ୍ୱାଇଁ ବିଧାୟକ ହେବା ପୂର୍ବରୁ ପ୍ରାୟତଃ ଉକ୍ତ ଚା ଖଟିରେ ଚା ପିଅନ୍ତି। ଏପରିକି ଗତବର୍ଷ ଯୋଗ ଦିବସରେ ଏଠାରୁ ଚା' ପିଇଥିଲେ ବୋଲି ଦୋକାନୀ ଧନେଶ୍ୱର ସାହୁ କୁହନ୍ତି।

# ଉନ୍ନତୀକରଣ କାର୍ଯ୍ୟ ବର୍ଷେ ନ ପୂରୁଣୁ ରାସ୍ତା ସାରା ଖାଲ

**ନାଉଗାଁ,୨୧। ୬(ସୁଧା ବେହୁରା)**

## ପୂର୍ତ୍ତ ବିଭାଗର କୋକିଢ଼ିହ-ତେଲସରା ରାସ୍ତା



ନାଉଗାଁ ବ୍ଲକ ଅନ୍ତର୍ଗତ କୋକିଢ଼ିହ-ତେଲସରା ରାସ୍ତାର ଉନ୍ନତୀକରଣ କାର୍ଯ୍ୟ ବର୍ଷେ ତଳେ ଶେଷ ହୋଇଛି। ମାତ୍ର ଖୁବ୍ କମ୍ ଦିନ ମଧ୍ୟରେ ଏହି ୧୦ କମି ରାସ୍ତାର ବିଭିନ୍ନ ସ୍ଥାନ ଖାଲଖମାରେ ପୁରିଯାଇଛି। ନିର୍ମାଣ କରାଯାଇଥିବା କଂକ୍ରିଟ ରାସ୍ତାରେ ଖାଲ ସୃଷ୍ଟି ହୋଇଥିବାବେଳେ ପିଚୁ ପଡ଼ିଥିବା ସ୍ଥାନରୁ ଉଠିଯାଇଛି। ଏଥିସହ ରାସ୍ତାର ଉଭୟ ପାର୍ଶ୍ୱ ଦବିଯାଇଛି। ଏନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।

ରାସ୍ତାଟି ପୂର୍ତ୍ତ ବିଭାଗର ଜଗତ୍‌ସିଂହପୁର ବିଭାଜନ ଅଧୀନରେ ରହିଛି। ରାସ୍ତାକୁ ବିଭାଗ ପକ୍ଷରୁ ପ୍ରତିବର୍ଷ ମରାମତି କରାଯାଉଥିଲେ ମଧ୍ୟ ନିମ୍ନମାନର କାର୍ଯ୍ୟ ଯୋଗୁ ସେଥିରୁ ପିଚୁ ସହ କଂକ୍ରିଟ୍ ଉଠିଯାଇଥିଲା। ଫଳରେ ଯାତାୟାତରେ ବହୁ ସମସ୍ୟା ସୃଷ୍ଟି ହେଉଥିଲା। ଏନେଇ ଗଣମାଧ୍ୟମରେ ଖବର ପ୍ରକାଶପାଇବା ପରେ ବିଭାଗ ପକ୍ଷରୁ ରାସ୍ତାର ଉନ୍ନତୀକରଣ କରାଯିବା ପାଇଁ ଟେଣ୍ଡର କରାଯାଇ କାର୍ଯ୍ୟ କରାଯାଇଥିଲା। ମିଳିଥିବା ସୂଚନାନୁଯାୟୀ, ୨୦୨୧-୨୨ ଆର୍ଥିକ ବର୍ଷରେ ଏହି ରାସ୍ତାର ଉନ୍ନତିକରଣ କରାଯିବା ନିମନ୍ତେ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଏଥିସହ ଠିକାଦାରକୁ ନିଯୁକ୍ତି ଦିଆଯାଇଥିଲା। ରାସ୍ତା ଉନ୍ନତିକରଣ ନିମନ୍ତେ ୯ କୋଟି ୭୬ ଲକ୍ଷ ବ୍ୟୟବରାଦ ହୋଇଥିଲା। ଏହି ରାସ୍ତାଟି ବ୍ଲକର ଏକ ମୁଖ୍ୟରାସ୍ତା ହୋଇଥିବା ବେଳେ ପ୍ରତ୍ୟେହ ବହୁ ମାଲବାହୀ ଓ ଯାତ୍ରୀବାହୀ ଗାଡି ଯାତୟାତ କରିଥାଏ। ମାତ୍ର ରାସ୍ତାରେ ଛୋଟବଡ଼ ଖାଲ ସୃଷ୍ଟି ହେବା ଦ୍ୱାରା ସେଥିରେ ବର୍ଷା ପାଣି ଜମି ରହୁଛି। ଫଳରେ ରାସ୍ତାରେ ଯାନବାହନ ଯିବା ସମୟରେ ଉକ୍ତ ଖାଲ ଦିନକୁଦିନ ବୃଦ୍ଧି ପାଇବାରେ ଲାଗିଛି। ନିମ୍ନମାନର କାର୍ଯ୍ୟ ଯୋଗୁ ରାସ୍ତାର ଏପରି ଅବସ୍ଥା ହୋଇଛି ବୋଲି ସ୍ଥାନୀୟ ଲୋକେ ମତବ୍ୟକ୍ତ କରିଛନ୍ତି। ଅନ୍ୟପଟରେ ବିଭାଗ ପକ୍ଷରୁ ଉକ୍ତ ରାସ୍ତାର ଉଭୟ ପାର୍ଶ୍ୱରେ ଗାର୍ଡୱାଲ ନିର୍ମାଣ କରାଯାଉଛି। କିନ୍ତୁ ଏହା ଅନାବଶ୍ୟକ ସ୍ଥାନରେ ନିର୍ମାଣ କରାଯାଉଥିବାବେଳେ ଆବଶ୍ୟକ ସ୍ଥାନରେ କରାଯାଉ ନାହିଁ।

ଏସମ୍ପର୍କରେ ବିଭାଗୀୟ ଏସ୍‌ଡିଓ ଅଶୋକ କୁମାର ଜେନାଙ୍କୁ ପଚାରିବାରେ କନିଷ୍ଠ ଯନ୍ତ୍ରୀଙ୍କ ଦ୍ୱାରା ତଦାରଖ କରାଯାଇ ପୁନର୍ବାର ବ୍ୟୟ ଅଟକଳ କରାଯାଇ କାର୍ଯ୍ୟ କରାଯିବ ବୋଲି କହିଛନ୍ତି।

# ନଦୀଜଳ ବ୍ୟବହାର କରନାହିଁ: ଜିଲାପାଳ



ସମୀକ୍ଷା ବୈଠକରେ ଜିଲାପାଳ, ଏସ୍‌ପି ଏବଂ ଅନ୍ୟ ଅଧିକାରୀମାନେ ।

**ଯାଜପୁର,୨୧।୬(ହର୍ଷବର୍ଦ୍ଧନ ବେହେରା)**

ଯାଜପୁର ଜିଲାରେ ଡାଇରିଆ ନିୟନ୍ତ୍ରଣ ପାଇଁ କୌଣସି ପରିସ୍ଥିତିରେ ନଦୀ ଜଳ ବ୍ୟବହାର ନ କରିବାକୁ ଜିଲାପାଳ ପି. ଅନ୍ୱେଷା ରେଡ୍ଡି ଜନସାଧାରଣଙ୍କୁ ଅନୁରୋଧ କରିଛନ୍ତି। ଏଥିରୁ ଯାଜପୁର ଜିଲା ଦେଇ ପ୍ରବାହିତ ନଦୀନାଳ ଦୂଷିତ ହୋଇଥିବା ଜିଲାପାଳ ପରୋକ୍ଷରେ ସ୍ୱୀକାର କରିଛନ୍ତି। ବ୍ରାହ୍ମଣୀ ଓ ଖରସ୍ରୋତା ନଦୀଜଳ ସୁକିନ୍ଦା ଖଣି ଓ କଳିଙ୍ଗନଗର ଶିଳ୍ପସଂସ୍ଥାର ବର୍ଜ୍ୟବସ୍ତୁରେ ଜହର ହୋଇପଡିଛି। ଡମଶାଳା ନାଳରେ ଖଣିଗୁଡ଼ିକର ବର୍ଜ୍ୟଜଳ ମିଶୁଥିବାରୁ ତାହା ସିଧା ବ୍ରାହ୍ମଣୀକୁ ପ୍ରଦୂଷିତ କରୁଛି। ଏହାସହ ଗଣ୍ଡାନାଳରେ କଳିଙ୍ଗନଗର ଶିଳ୍ପାଞ୍ଚଳର ବର୍ଜ୍ୟଜଳ ମିଶୁଛି। ଏହି ଗଣ୍ଡାନାଳ ମଧ ବ୍ରାହ୍ମଣୀର ଶାଖା ଖରସ୍ରୋତାରେ ମିଶିଛି। ତେବେ ୱାର୍‌କୋ ଜରିଆରେ ଖରସ୍ରୋତା ନଦୀରେ ଦୁଇଟି ଇନ୍‌ଟେକ୍ ୱେଲ୍ ମାଧ୍ୟମରେ ବ୍ୟାସନଗର ସହରକୁ ଜଳଯୋଗାଣ କରାଯାଉଛି। ବ୍ୟାସ ସରୋବର ନିକଟରେ ଏହାର ଟ୍ରିଟମେଣ୍ଟ ପ୍ଲାଣ୍ଟ ରହିଛି। ତେବେ ଖରସ୍ରୋତା ନଦୀର ଦୂଷିତ ଜଳକୁ ଉପଯୁକ୍ତ ଭାବେ ଟ୍ରିଟ୍‌ମେଣ୍ଟ କରାଯାଉ ନ ଥିବାରୁ ବ୍ୟାସନଗର ସହରରେ ପ୍ରଥମେ ଡାଇରିଆ ଓ ହଇଜା ବ୍ୟାପିଥିଲା ବୋଲି ସହରବାସୀ କହୁଛନ୍ତି। ଏହାବାଦ ସହରର ବିଭିନ୍ନ ସ୍ଥାନରେ ପାଇପ୍ ଫାଟିଥିବାବେଳେ ତାହାର ଉପରେ ରାସ୍ତା ନିର୍ମାଣ କରାଯାଇଛି। ଫଳରେ ସହରର ବିଭିନ୍ନ ଅଞ୍ଚଳକୁ ଦୂଷିତ ପାଣି ଯୋଗାଣ ହେଉଥିବା ପୂର୍ବରୁ ଅଭିଯୋଗ ହୋଇଆସିଛି। ତେଣୁ ନିୟମିତ ଭାବେ ବ୍ୟାସନଗର ସହରବାସୀଙ୍କୁ ଯୋଗାଣ ହେଉଥିବା ଜଳ ନମୁନାକୁ ଉପଯୁକ୍ତ ଭାବେ ପରୀକ୍ଷା କରାଗଲେ ବାସ୍ତବ କଥା ଲୋକଲୋଚନକୁ ଆସିପାରନ୍ତା ବୋଲି ଦାବି ହେଉଛି।

ଯାଜପୁର ଜିଲାରେ ଡାଇରିଆ ଓ ହଇଜା ନିୟନ୍ତ୍ରଣ ନିମନ୍ତେ ଜିଲା ପ୍ରଶାସନ ପକ୍ଷରୁ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଉଛି। ସରକାରୀ ବେସରକାରୀ ନଳକୂପ, କୂପ, ଓଭର ହେଡ୍ ଟ୍ୟାଙ୍କଗୁଡ଼ିକୁ ବିଶୋଧନ କରାଯିବା ସହିତ ଜନସଚେତନତା ବ୍ୟାପକ କରାଯାଉଛି। ଖୋଲା କୂଅର

## ଯାଜପୁର ଜିଲାରେ ଡାଇରିଆ

ପାଣି ବ୍ୟବହାର ନ କରିବା, ପାଣିକୁ ସିଧାସଳଖ ନ ପିଇ ଫୁଟାଇ ଛାଣି ପିଇବା, ବାହାର ଖାଦ୍ୟ ନ ଖାଇ ରନ୍ଧା ଯାଇଥିବା ଗରମ ଖାଦ୍ୟ ଖାଇବା, ଖୋଲା ସ୍ଥାନରେ ମଳତ୍ୟାଗ ନ କରି ସର୍ବଦା ଶୌଚାଳୟ ବ୍ୟବହାର କରିବା, ନିୟମିତ ସାବୁନରେ ହାତ ଧୋଇବା, ନିଜ ଘର ଓ ପରିବେଶକୁ ପରିଷ୍କାର ରଖିବାକୁ ଜନସାଧାରଣଙ୍କୁ ପରାମର୍ଶ ଦିଆଯାଇଛି । ପ୍ରତ୍ୟେକ ଘରେ ସାବୁନ ବଣ୍ଟନ ଚାଲୁରହିଛି ଏବଂ ପ୍ରତିଦିନ ଏହାର ତଦାରଖ କରାଯାଉଛି। ସରକାରଙ୍କ ଦ୍ୱାରା ଖୋଲାଯାଇଥିବା ଗଭୀର ନଳକୂପ ଓ ପାଇପ୍ ପାଣିକୁ ପାନୀୟ ଜଳ ରୂପେ ବ୍ୟବହାର କରିବାକୁ ପରାମର୍ଶ ଦିଆଯାଉଛି। ଟ୍ୟାଙ୍କରଗୁଡ଼ିକରେ ପାଣି ଭର୍ତ୍ତି ପୂର୍ବରୁ ଏହାକୁ ଭଲଭାବେ ପରିଷ୍କାର କରିବାକୁ ଜଳଯୋଗାଣ ବିଭାଗକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ପରାମର୍ଶ ବାର୍ତ୍ତା ମାଇକ ମାଧ୍ୟମରେ ବହୁଳ ପ୍ରଚାର କରିବାକୁ ବିଡିଓମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

# ଲକ୍ଷ୍ମୀବରାହ ମନ୍ଦିର ପରିସରରେ ପଥର ବିଛା କାମ ଆରମ୍ଭ



ଲକ୍ଷ୍ମୀବରାହ ମନ୍ଦିର ପରିସରରେ ପଥର ବିଛା କାମ ଚାଲିଛି ।

**ଆଳି,୨୧।୬(ବନମାଳୀ ସେନାପତି ):**

ଆଳିର ଆରାଧ୍ୟ ଠାକୁର ଶ୍ରୀ ଲକ୍ଷ୍ମୀବରାହ ଜୀଉ ମନ୍ଦିର ଅବ୍ୟବସ୍ଥା ଘେରରେ ଥିବା ବେଳେ ମନ୍ଦିର ନିମନ୍ତେ ଆସିଥିବା ଅନେକ କୋଟି ଟଙ୍କା କେଉଁ ବାବଦରେ ଖର୍ଚ୍ଚ ହେଉଛି ତା'ର ହିସାବ ମିଳୁନାହିଁ । ମନ୍ଦିର ପରିସରରେ ପଥର ବିଛା କାର୍ଯ୍ୟ ଅଧାପନ୍ତରିଆ ଅବସ୍ଥାରେ ପଡ଼ିଥିବାରୁ ଶ୍ରଦ୍ଧାଳୁମାନେ ପଡି ଖଣ୍ଡିଆ ଖାବରା ହେଉଥିଲେ । ଏପରି ସମସ୍ୟାକୁ ନେଇ ଶନିବାର ଧରିତ୍ରୀରେ ଏକ ରିପୋର୍ଟ ପ୍ରକାଶ ପାଇଥିଲା । ଏହି ରିପୋର୍ଟ ପ୍ରକାଶ ପାଇବା ପରେ ପଥର ବିଛା କାମ ଆରମ୍ଭ ହୋଇଛି। ପଥର ବିଛା ନିମନ୍ତେ ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଥିବା ବେଳେ ସମସ୍ତ ସମସ୍ୟାକୁ ସମାଧାନ କରିବା ପାଇଁ ମନ୍ଦିରର ସେବାୟତ ଓ ଶ୍ରଦ୍ଧାଳୁମାନେ ଦାବି କରିଛନ୍ତି ।

ସୂଚନା ଅନୁଯାୟୀ, କେନ୍ଦ୍ରାପଡ଼ା ଜିଲା

## ଧରିତ୍ରୀରେ ଖବର ପ୍ରକାଶ ପାଇବା ପରେ ତତ୍ପରତା

ଆଳି ବ୍ଲକ ଦେମାଳଠାରେ ଥିବା ଆଳିର ଆରାଧ୍ୟ ଠାକୁର ଶ୍ରୀ ଲକ୍ଷ୍ମୀବରାହ ଜୀଉ ମନ୍ଦିରକୁ ଦୈନିକ ଶତାଧିକ ଶ୍ରଦ୍ଧାଳୁ ଦର୍ଶନ ଓ ପୂଜାର୍ଚ୍ଚନା ପାଇଁ ଆସିଥାଆନ୍ତି । କିନ୍ତୁ ମନ୍ଦିର ସମସ୍ୟାର ସମାଧାନ ପାଇଁ ଟ୍ରଷ୍ଟ ବୋର୍ଡ ଓ ପ୍ରଶାସନ ଦୃଷ୍ଟି ଦେଉ ନ ଥିବାରୁ ବିବାଦ ସୃଷ୍ଟି ହୋଇଥିଲା । ମନ୍ଦିର ଦଧିନଉତିରେ ଫାଟ ସୃଷ୍ଟି ହେବା ସହ ବର ଓସ୍ତ ଭଳି ଗଛ ଉଠିଛି । ସେହି ଫାଟରେ ବର୍ଷା ସମୟରେ ମନ୍ଦିର ଭିତରକୁ ପାଣି ଗଳୁଛି । ମନ୍ଦିର ଉପର ଭାଗରେ ମହୁ ଫେଣା ହୋଇଥିବାରୁ ୪ ମାସ ହେବ ବାନା ବଦଳା ଯାଇପାରୁନାହିଁ। ଶ୍ରଦ୍ଧାଳୁ ମାନଙ୍କ ନିମନ୍ତେ ପାନୀୟ ଜଳ ଓ ଶୌଚାଳୟର ବ୍ୟବସ୍ଥା ନାହିଁ । ମନ୍ଦିର ସମ୍ମୁଖରେ ଥିବା ହାଇମାଷ୍ଟ ଲାଇଟ୍ ଅଚଳ ଥିବାର ରାତିରେ ମନ୍ଦିର ଅନ୍ଧକାର ରହୁଛି। ଜଳ ନିଷ୍କାସନ ବ୍ୟବସ୍ଥା ନ ଥିବାରୁ ମନ୍ଦିର ସମ୍ମୁଖରେ ବର୍ଷା ପାଣି ଆଣ୍ଠୁଏ ଉଚ୍ଚର ଜମି ରହୁଛି । ପୂର୍ବ ସରକାର ସମୟରେ ମନ୍ଦିର ଉନ୍ନତି ପାଇଁ ୫-ଟି ଯୋଜନାରେ ପ୍ରାୟ ୮ କୋଟି ଟଙ୍କା ଅନୁଦାନ ମିଳିଥିଲା । କେଉଁ ବାବଦରେ ଏହି ଅର୍ଥ ଖର୍ଚ୍ଚ ହେବ ଓ ଏହି ଅର୍ଥରେ କ'ଣ ନିର୍ମାଣ କରାଯିବ ସେ ସମ୍ପର୍କରେ ମନ୍ଦିର ନିକଟରେ କୌଣସି ସୂଚନା ଫଳକ ନାହିଁ । ଫଳରେ ସେବାୟତ ଓ ଶ୍ରଦ୍ଧାଳୁ ମନ୍ଦିରରେ କ'ଣ ଉନ୍ନତିକରଣ କାର୍ଯ୍ୟ ହେଉଛି ସେ ସମ୍ପର୍କରେ ଜାଣିପାରୁନାହାଁନ୍ତି। ପୂର୍ତ୍ତ ବିଭାଗ ଯନ୍ତ୍ରୀ ଓ ଠିକାଦାରଙ୍କ ମିଳିତ ସହଯୋଗରେ ଏହି ପ୍ରକଳ୍ପ କାର୍ଯ୍ୟ ଚାଲିଥିବା ଅଭିଯୋଗ ହୋଇଛି । ମନ୍ଦିର ପରିସରରେ ପଥର ବିଛା କାମ ଅଧା ରଖି ଦୀଘଦିନ ହେବ ଠିକାଦାର ଛୁ ମାରିଥିଲେ। ଖବର ପ୍ରକାଶ ପାଇବା ପରେ ସେହି କାମ ପୁଣି ଥରେ ଆରମ୍ଭ ହୋଇଛି ।

# ଡାଇରିଆରେ ଆଉ ଜଣେ ମୃତ, ମୃତ୍ୟୁ ସଂଖ୍ୟା ୨୨

**ଯାଜପୁର/ଛତିଆ,୨୧।୬ (ହର୍ଷବର୍ଦ୍ଧନ ବେହେରା/ସୌମ୍ୟରଞ୍ଜନ ସାହୁ)**

ଯାଜପୁର ଜିଲାରେ ଶନିବାର ଡାଇରିଆ ସଂକ୍ରମଣରେ ଆଉ ଜଣଙ୍କ ମୃତ୍ୟୁ ହୋଇଛି। ମୃତକ ବଡ଼ଚଣା ବ୍ଲକ ଚମ୍ପାପୁର ପଞ୍ଚାୟତ ଗୋପୀନାଥପୁର ଗ୍ରାମର ଶିବପ୍ରସାଦ ଦାସଙ୍କ ପୁଅ ଚିନ୍ମୟ ଦାସ (୩୫) ବୋଲି ଜଣାପଡ଼ିଛି। ଏହାକୁ ମିଶାଇ ଜିଲାରେ ମୃତ୍ୟୁ ସଂଖ୍ୟା ୨୨ରେ ପହଞ୍ଚିଛି। ମିଳିଥିବା ସୂଚନା ଅନୁଯାୟୀ, ଚିନ୍ମୟଙ୍କୁ ଡାଇରିଆ ହେବାରୁ ପରିବାର ଲୋକେ ପ୍ରଥମେ ଛତିଆ ସ୍ୱାସ୍ଥ୍ୟକେନ୍ଦ୍ର ନେଇଥିଲେ। ମାତ୍ର ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ତାଙ୍କୁ ଭୁବନେଶ୍ୱର ହାଇଟେକ୍ ମେଡିକାଲ ନେଇଯାଇଥିଲେ। ଶୁକ୍ରବାର ରାତିରେ ତାଙ୍କର ମୃତ୍ୟୁ ଘଟିଛି। ଖବର ପାଇ ବଡ଼ଚଣା ବିଡିଓ ରବୀନ୍ଦ୍ର ପ୍ରଧାନ ଓ ଅନ୍ୟ ଅଧିକାରୀ ମୃତକଙ୍କ ଘରେ ପହଞ୍ଚି ସମସ୍ତ ଘଟଣା ବୁଝାଶୁଝା କରିବା ସହ ହରିଶ୍ଚନ୍ଦ୍ର ଯୋଜନାରେ ଶବସଂସ୍କାର ପାଇଁ ୩ ହଜାର ଟଙ୍କା ଦେଇଛନ୍ତି। ଚିନ୍ମୟ ଜଣେ ଉଚ୍ଚଶିକ୍ଷିତ ଏବଂ ସେ ଦୁଇ ବର୍ଷ ତଳେ ବିବାହ କରିଥିଲେ। ତାଙ୍କ ବିୟୋଗରେ ପୂର୍ବତନ ସରପଞ୍ଚ ବାସୁଦେବ ସ୍ୱାଇଁ, କୈଳାସ ରାଉତ, ଦିଲୀପ ରାଉତ, ଉତ୍ତମ ସାମଲ, ନିରଞ୍ଜନ ରାଉତ, ଗଭୀର ଶୋକ ପ୍ରକଟ କରିବା ସହ ତାଙ୍କ ପରିବାରବର୍ଗଙ୍କୁ ସରକାରୀ ସହାୟତା ଯୋଗାଇଦେବାକୁ ଦାବି କରିଛନ୍ତି।

ଜିଲାରେ ଆକ୍ରାନ୍ତ ସଂଖ୍ୟା ସାମାନ୍ୟ ହ୍ରାସ ପାଇଛି। ଜିଲା ପ୍ରଶାସନ ପକ୍ଷରୁ



ଚିନ୍ମୟ କୁମାର ଦାସ

ମିଳିଥିବା ରିପୋର୍ଟ ଅନୁସାରେ ଶନିବାର ଅପରାହ୍ନ ୪ଟା ସୁଦ୍ଧା ୧୩୫ ଜଣ ବିଭିନ୍ନ ଡାକ୍ତରଖାନାରେ ଚିକିତ୍ସାଧୀନ ଅଛନ୍ତି। ସେମାନଙ୍କ ମଧ୍ୟରୁ ୫ ଜଣଙ୍କ ଅବସ୍ଥା ଗୁରୁତର ରହିଛି। ୧୧୨ ଜଣ ନୂଆ ରୋଗୀ ଭର୍ତ୍ତି ହୋଇଥିବାବେଳେ ସେମାନଙ୍କ ମଧ୍ୟରୁ ୧୦୬ ଜଣଙ୍କୁ ଡିସ୍‌ଚାର୍ଜ କରାଯାଇଛି। ଏହାବାଦ ୧୪ ଜଣଙ୍କୁ ଅନ୍ୟତ୍ର ରେଫର କରିଥିବାବେଳେ ପୂର୍ବ ରୋଗୀଙ୍କ ସଂଖ୍ୟା ମିଶାଇ ଏବେ ୧୩୫ ଜଣ ଚିକିତ୍ସାଧୀନ ରହିଛନ୍ତି। ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସର୍ବାଧିକ ୩୩ ଜଣ ଚିକିତ୍ସାଧୀନ ଥିବାବେଳେ ବଡ଼ଚଣାରେ ୫, ବରୀରେ ୩, ବିଞ୍ଝାରପୁରରେ ୧୧, ଦାନଗଦିରେ ୧୯, କୋରେଇରେ ୪, ଯାଜପୁର ରୋଡ୍‌ରେ ୮, ରସୁଲପୁରରେ ଜଣେ, ମଙ୍ଗଳପୁରରେ ୬, ମାର୍କଣ୍ଡପୁରରେ ୨, ସୁକିନ୍ଦାରେ ୧୬ ଓ ଜିଲା ସଦର ଡାକ୍ତରଖାନାରେ ୨୭ ଜଣ ଚିକିତ୍ସାଧୀନ ଅଛନ୍ତି।

## ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଜୟସୁଧା



@ ଜିଶ୍ନାଥ



@ ମୋନାଲିସା

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଭଡ଼ାଘରୁ ପୂର୍ବତନ ସେନା କର୍ମଚାରୀଙ୍କ ଗଳିତ ମୃତଦେହ ଜବତ

**ଜଗତ୍‌ସିଂହପୁର, ୨୧।୬ (ପ୍ରମୋଦ କୁମାର ନାୟକ):**

ଜଗତ୍‌ସିଂହପୁର ଥାନା ଅନ୍ତର୍ଗତ ପଣସାଳିଆସ୍ଥିତ ଏକ ବିଲ୍ଡିଂରେ ଭଡ଼ାରେ ରହୁଥିବା ଜଣେ ପୂର୍ବତନ ସେନା କର୍ମଚାରୀଙ୍କ ଶନିବାର ଗଳିତ ମୃତଦେହ ଜବତ ହୋଇଛି। ସେ ହେଲେ ଚନ୍ଦ୍ରମଣି ପରିଡ଼ା । ତାଙ୍କ ଘର ଭଦ୍ରକ ଜିଲାର ନଈକାନ୍ଧି ଗ୍ରାମରେ। ତାଙ୍କ ମୃତ୍ୟୁର କାରଣ ସ୍ପଷ୍ଟ ହୋଇନାହିଁ। ଜଗତ୍‌ସିଂହପୁର ଥାନା ପୋଲିସ ଏ ସମ୍ପର୍କରେ ଏକ ଅପମୃତ୍ୟୁ ମାମଲା (ନଂ. ୨୯/୨୫) ରୁଜୁ କରି ତଦନ୍ତ ଜାରି ରଖିଛି ।

ଘର ମାଲିକ ହେମନ୍ତ କୁମାର ମହାନ୍ତି ଜଗତ୍‌ସିଂହପୁର ଥାନାରେ କରିଥିବା ଅଭିଯୋଗ ଅନୁଯାୟୀ, ପରିଡ଼ା ପ୍ରାୟ ୧ ମାସ ହେବ ତାଙ୍କ ଘରେ ଭଡ଼ାସୂତ୍ରରେ ଏକୁଟିଆ ରହି ଆସୁଥିଲେ। ଶନିବାର ସେ କବାଟ ବାଡାଇଲାବେଳେ ପରିଡ଼ା ଖୋଲି ନ ଥିଲେ। ଏପରିକି ମୋବାଇଲ ଫୋନ୍ ମଧ ଉଠାଇ ନ ଥିଲେ। ଅପରପକ୍ଷେ ଘର ଭିତରୁ ପଚା, ଶଢା ଗନ୍ଧ ଆସୁଥିବାରୁ ପରିଡ଼ାଙ୍କ ମୃତ୍ୟୁ ଘଟିଥିବା ସନ୍ଦେହ କରି ଘର ମାଲିକ ମହାନ୍ତି ପୋଲିସ ହେଲ୍ପ ଲାଇନ୍ ନଂ.୧୧୨କୁ କଲ୍ କରି ଜଣାଇଥିଲେ। ଏହାପରେ ପୋଲିସ ପହଞ୍ଚି ଘର ଭିତରୁ ପରିଡ଼ାଙ୍କ ମୃତଦେହ ଜବତ କରିଛି। ଘର ମାଲିକ ମହାନ୍ତି ଧରିତ୍ରୀ ପ୍ରତିନିଧିଙ୍କୁ ଦେଇଥିବା ସୂଚନା ଅନୁଯାୟୀ, ପରିଡ଼ା ତଳ ମହଲାର ଗୋଟିଏ କୋଠରିରେ ରହୁଥିଲେ। ପରିଡ଼ା କେତେବେଳେ କୁଆଡେ ଯାଆନ୍ତି ସେ ଜାଣନ୍ତି ନାହିଁ। ଶନିବାର ଘର ଭିତରୁ ଗନ୍ଧ ଆସିବାରୁ ସେ ପୋଲିସକୁ ଜଣାଇଥିଲେ।

ଏ ସମ୍ପର୍କରେ ଜଗତ୍‌ସିଂହପୁର ଆଇଆଇସି ପ୍ରଭାସ ଚନ୍ଦ୍ର ସାହୁ କହିଛନ୍ତି, ଏହି ଥାନା ଅନ୍ତର୍ଗତ ସାଁପୁର ମଞ୍ଜୁରାଇ ଗ୍ରାମରେ ପରିଡ଼ାଙ୍କ ଶ୍ୱଶୁର ଘର। ସେ ସ୍ତ୍ରୀଙ୍କ ସହ ସେଠାରେ ରହୁଥିଲେ। କିନ୍ତୁ ପରବର୍ତ୍ତୀ ସମୟରେ କୌଣସି କାରଣରୁ ସ୍ତ୍ରୀଙ୍କ ସହ ନ ରହି ଜଗତ୍‌ସିଂହପୁରରେ ଭଡ଼ାରେ ରହୁଥିଲେ। ଘର ମାଲିକଙ୍କ ସୂଚନା ଆଧାରରେ ପୋଲିସ ପରିଡ଼ାଙ୍କ ସ୍ତ୍ରୀଙ୍କୁ ଘଟଣାସ୍ଥଳକୁ ଡକାଇ କବାଟ ଖୋଲିଥିଲା। ସେତେବେଳେ ପରିଡ଼ା ଖଟରୁ ଖସି ତଳେ ମୃତ ଅବସ୍ଥାରେ ପଡିଥିଲେ। ଶରୀର ଫୁଲିଯିବା ସହ ପଚି, ଶଢି ଯାଇଥିଲା। ଏପରି କି ପୋକ ଚାଲୁଥିବା ଦେଖାଯାଇଥିଲା। ଦୁର୍ଗନ୍ଧରେ ନାକ ଫାଟିପଡୁଥିଲା। ପାରିପାର୍ଶ୍ୱିକସ୍ଥିତିରୁ ଦୀର୍ଘଦିନ ହେବ ପରିଡ଼ାଙ୍କ ମୃତ୍ୟୁ ଘଟିଥିବା ସନ୍ଦେହ କରାଯାଉଛି। ଯେହେତୁ ମୃତଦେହ ଶଢ଼ି ଯାଇଛି ତେଣୁ ତାହା ବ୍ୟବଚ୍ଛେଦ ପାଇଁ କଟକ ଏଫ୍‌ଏମ୍‌ସି ପଠାଯାଇଛି। ରିପୋର୍ଟ ଆସିଲା ପରେ ଅଧିକ ସୂଚନା ମିଳିବ। କିଛି ବର୍ଷ ପୂର୍ବରୁ ମାଙ୍କଡକୁ ଗୁଳି କରିବାକୁ ଯାଇ ପରିଡ଼ା ଗିରଫ ହୋଇଥିଲେ ବୋଲି ଆଇଆଇସି କହିଛନ୍ତି।

# ବାଲି ଘାଟ ହତ୍ୟା ଘଟଣା: ଅନ୍ୟତମ ଅଭିଯୁକ୍ତ ଗିରଫ

**ଯାଜପୁରଟାଉନ,୨୧।୬ (ପ୍ରଯକ୍ତା ପ୍ରିୟଦର୍ଶନୀ ମହାନ୍ତି):**

ଯାଜପୁର ସଦର ଥାନା ଅଧୀନ ଖରସ୍ରୋତା ନଦୀର କଚେରୀ ଗାଁ ବାଲି ଘାଟ ହତ୍ୟା ଘଟଣାରେ ଅନ୍ୟତମ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ପ୍ରକାଶ ମଳିକ(ମାଧୁଆ)।

ଗତ ମେ' ୨୭ରେ ବାଲି ଘାଟରେ ବାଲି ଉତ୍ତୋଳନକୁ କେନ୍ଦ୍ର କରି ସ୍ଥାନୀୟ ଅଞ୍ଚଳର ଭାଜପା କର୍ମୀ ତପନ ଲେଙ୍କାଙ୍କୁ ହତ୍ୟା କରାଯାଇଥିଲା। ଏହି ଘଟଣାରେ ପୋଲିସ ପ୍ରଥମେ ଅଭିଯୁକ୍ତ ଚନ୍ଦନ ନାୟକଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ଅନ୍ୟ ଅଭିଯୁକ୍ତ ଫେରାର ହୋଇଯାଇଥିଲେ। ସେମାନଙ୍କୁ ଗିରଫ ଦାବିରେ ଭାଜପା ନେତା ଓ ତପନଙ୍କ ଗ୍ରାମବାସୀ ଥାନା ଘେରାଉ କରିଥିଲେ। ବରିଷ୍ଠ ଭାଜପା ନେତା ଗୌତମ ରାୟଙ୍କ ନେତୃତ୍ୱରେ ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ, ଏମ୍‌ପି ରବୀନ୍ଦ୍ର ନାରାୟଣ ବେହେରା ସଦର ଥାନାରେ ପହଞ୍ଚି ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସୀତିକଣ୍ଠ କାନୁନଗୋଙ୍କ ସହ ଆଲୋଚନା କରିଥିଲେ। ଖୁବ୍‌ଶୀଘ୍ର ଅନ୍ୟ ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ପ୍ରତିଶ୍ରୁତି ଦେଇଥିଲେ।

# ପାଣି ପାଇପ୍ ମିସ୍ତ୍ରିଙ୍କ ଚିହ୍ନଟ ବ୍ୟବସ୍ଥା ନାହିଁ

- ଲକ୍ଷେରୁ ଊର୍ଦ୍ଧ୍ୱ ମିସ୍ତ୍ରି ଦେଶ ବିଦେଶରେ ଅଛନ୍ତି
- ତଥ୍ୟ ଅଭାବରୁ ହୋଇପାରୁନି ଯୋଗାଯୋଗ
- ଡାଟାବେସ ସହ ଆବଶ୍ୟକ ଟୋଲ୍ ଫ୍ରି ନମ୍ବର

**କେନ୍ଦ୍ରାପଡ଼ା,୨୧।୬(ଜଗନ୍ନାଥ ଧଳ):**



ପାଣି ପାଇପ ମିସ୍ତ୍ରୀ ପ୍ରସଙ୍ଗରେ କେନ୍ଦ୍ରାପଡ଼ା ଜିଲା ଆଗୁଆ । ଜିଲାର ଲକ୍ଷେରୁ ଊର୍ଦ୍ଧ୍ୱ କୁଶଳୀ କାରିଗର ଦେଶ ବିଦେଶରେ ଅଛନ୍ତି । ଦି ଇଣ୍ଡିଆନ ପ୍ଲମ୍ବିଂ ସ୍କିଲ କାଉନସିଲର ସର୍ଭେ ଅନୁଯାୟୀ ଦେଶରେ କାର୍ଯ୍ୟରତ ପାଣିପାଇପ୍ ମିସ୍ତ୍ରୀଙ୍କ ମଧ୍ୟରୁ ଓଡ଼ିଆ ଭାଷାଭାଷୀ ୭୦ ଭାଗ । ଏଥିମଧ୍ୟରୁ ରାଜକନିକା, ଆଳି, ପଟ୍ଟାମୁଣ୍ଡାଇ ଅଞ୍ଚଳରୁ ସର୍ବାଧିକ କାମ କରୁଛନ୍ତି । ଏହି କୁଶଳୀ କାରିଗରଙ୍କ ତଥ୍ୟ ଜିଲା ପ୍ରଶାସନ ନିକଟରେ ନାହିଁ । ଦେଶ ବିଦେଶରେ ସେହି କାରିଗରମାନେ କୌଣସି ଅସୁବିଧାର ସମ୍ମୁଖୀନ ହେଲେ ସେମାନଙ୍କୁ ଉଦ୍ଧାର ଅଥବା ସହଯୋଗ ପାଇଁ ଜିଲା ପ୍ରଶାସନ ନାଚାର । ସେମାନଙ୍କ ଡାଟାବେସ ପ୍ରସ୍ତୁତି ସହ ଜିଲା ପ୍ରଶାସନ ପକ୍ଷରୁ ଆବଶ୍ୟକ ଟୋଲ ଫ୍ରି ନମ୍ବର ଦିଆଗଲେ ଜିଲାବାସୀ ଉପକୃତ ହୋଇପାରିବେ । ଏଥିପାଇଁ ସମସ୍ତ ପାଣି ପାଇପ୍ ମିସ୍ତ୍ରୀଙ୍କ ଚିହ୍ନଟ ଜରୁରୀ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି ।

ଏ ସମ୍ପର୍କରେ ଆଇନଜୀବୀ ବିଧୁଭୂଷଣ ମହାପାତ୍ର କହିଛନ୍ତି, ୧୯୪୭ ମସିହାରେ କଲିକତା ହାଇକୋର୍ଟରେ ଦିନେଶ ଚନ୍ଦ୍ର ଗୁହା ନାମକ ଜଣେ ବ୍ୟକ୍ତି ଏକ ମକଦ୍ଦମା ଦାୟର କରିଥିଲେ । ଏଥିରେ କଲିକତା ମ୍ୟୁନିସିପାଲିଟିର ଲାଇସେନସ ପ୍ରାପ୍ତ ପାଣି ପାଇପ ନିଯୁକ୍ତ ହୋଇ ନ ଥିବା ଦର୍ଶାଇ ଓଡ଼ିଶାର ପାଣିପାଇପ ମିସ୍ତ୍ରୀଙ୍କୁ ବିରୋଧ କରିଥିଲେ । ସେତେବେଳେ ପଟ୍ଟାମୁଣ୍ଡାଇର ଏହି କର୍ମକୁଶଳୀ ମିସ୍ତ୍ରୀଙ୍କ ଅନୁଭବ ଆଗରେ ପାଠପଢ଼ା ଡିଗ୍ରୀ ହାର ମାନିଥିଲା । ବାସ୍ତବରେ ୧୯୩୦ ମସିହାରେ କେତେଜଣ ଯୁବକ ବ୍ରିଟିଶ କମ୍ପାନୀରେ ରହି କାମ କରୁଥିଲେ । ଦେଶ ବିଭାଜନ ପରେ ଏହି କମ୍ପାନୀରେ ଥିବା ମୁସଲମାନ ସମ୍ପ୍ରଦାୟ ଲୋକ ପୂର୍ବ ପାକିସ୍ତାନକୁ ପଳାଇ ଯିବା ପରେ କଲିକତାରେ ଓଡ଼ିଆ ମିସ୍ତ୍ରୀଙ୍କ ଆଧିପତ୍ୟ ବଢ଼ିଥିଲା । ଏପରିକି ୧୯୭୦ ମସିହାରୁ ଅଦ୍ୟାବଧି ଜିଲାର ଏହି କୁଶଳୀ କାରିଗର ଆରବ, କୁଏତ ଆଦି ଦେଶରେ ସର୍ବାଧିକ ଗ୍ରହଣୀୟ ହୋଇଛନ୍ତି । ଗତ ୨୦୧୦ ମସିହାରୁ ପଟ୍ଟାମୁଣ୍ଡାଇ ଠାରେ ଷ୍ଟେଟ ଇନ୍‌ଷ୍ଟିଚ୍ୟୁଟ ଅଫ୍ ପ୍ଲମ୍ବିଂ ଟେକ୍ନୋଲୋଜ (ଏସ୍‌ଆଇପିଟି) ଆରମ୍ଭ ପରେ କୁଶଳୀଙ୍କ ସଂଖ୍ୟା ଅଧିକ ହେଉଛି ବୋଲି ସେ ପ୍ରକାଶ କରିଛନ୍ତି । ଜିଲାର ଏକ ବେସରକାରୀ ସଂସ୍ଥାର ଆକଳନ ଅନୁଯାୟୀ, ୨୦୧୧ ଜନଗଣନା ଅନୁଯାୟୀ ପଟ୍ଟାମୁଣ୍ଡାଇ ପୌରାଞ୍ଚଳ ସହିତ ଆଳି, ରାଜନଗର, ରାଜକନିକା ଓ ପଟ୍ଟାମୁଣ୍ଡାଇ ବ୍ଲକ ଅଞ୍ଚଳର ୫,୩୬,୦୨୬ ଜଣ ପୁରୁଷଙ୍କ ମଧ୍ୟରୁ ୫୧ ପ୍ରତିଶତ ଜିଲା ବାହାରେ କାର୍ଯ୍ୟରତ ଅଛନ୍ତି । ଏମାନଙ୍କ ମଧ୍ୟରୁ ୬୭ ଭାଗ ପାଣିପାଇପ ମିସ୍ତ୍ରୀ ଭାବେ କାର୍ଯ୍ୟ କରୁଛନ୍ତି । ତେବେ ଏହି କୁଶଳୀ ଶ୍ରମିକଙ୍କ ଡାଟାବେସ ନ ଥିବାରୁ ସରକାରୀ ପ୍ରୋତ୍ସାହନ ମିଳି ପାରୁନାହିଁ । ପଟ୍ଟାମୁଣ୍ଡାଇର ନରେନ୍ଦ୍ର ରାଉତ କହିଛନ୍ତି, ଏଠାକାର କୁଶଳୀ କାରିଗରମାନେ ଦେଶ ବିଦେଶରେ ମଧ୍ୟସ୍ଥି, ଠିକାଦାର, ବିଲଡରଙ୍କ ଜରିଆରେ ପାଣି ପାଇପ୍ କାର୍ଯ୍ୟରେ ନିୟୋଜିତ ହୋଇଥାନ୍ତି । ବହୁ ସମୟରେ ଏହି ଶ୍ରମିକଙ୍କ ନିର୍ଯ୍ୟାତନା ଖବର ଆସିଥାଏ । ସେହିପରି ଭିସା, ପାସପୋର୍ଟ ଆଦି ସମସ୍ୟା ରହିଛି । ଏହି ସମୟରେ ପ୍ରଶାସନ ପକ୍ଷରୁ ସାହାଯ୍ୟର ଆବଶ୍ୟକତା ଥିବା ବେଳେ ପରିଚୟ ଓ କାର୍ଯ୍ୟସ୍ଥଳୀର ତଥ୍ୟ ଅଭାବରୁ ଯୋଗାଯୋଗ ସମ୍ଭବ ହେଉନାହିଁ । ଏଥିସହିତ ଶ୍ରମ ବିଭାଗ ପକ୍ଷରୁ ଡାଟା ବେସ ପ୍ରସ୍ତୁତ କରାଯାଇ ଏକ ଟୋଲ ଫ୍ରି ନମ୍ବର ଦେଲେ ଜିଲା ବାହାରେ ରହୁଥିବା ଶ୍ରମିକଙ୍କ ସମସ୍ୟା କିଛି ଲାଘବ ହୋଇପାରିବ ବୋଲି ସେ ମତ ଦେଇଛନ୍ତି।

ଏ ସମ୍ପର୍କରେ ଏଡିଏମ୍ ରବିନ୍ଦ୍ର ମଲିକ କହିଛନ୍ତି, ୨୦୧୯ ମସିହାରେ ଡାଟାବେସ ପ୍ରସ୍ତୁତି ପାଇଁ ପଦକ୍ଷେପ ନିଆଯାଇଛି । ପାଣିପାଇପ୍ ମିସ୍ତ୍ରୀ ଅଥବା ଶ୍ରମିକ ଜିଲା ବାହାରକୁ ଯାଉଥିବା ସମୟରେ ଶ୍ରମ ବିଭାଗ କାର୍ଯ୍ୟାଳୟରେ ନିଜର ନାମ ପଞ୍ଜୀକୃତ କରାଇବା ବ୍ୟବସ୍ଥା ହୋଇଛି । ଏଥିସହ ପଟ୍ଟାମୁଣ୍ଡାଇ ବ୍ଲକ ଚାହାପଡା ସ୍ଥିତ ଏସ୍‌ଆଇପିଟିରୁ ପୁରାତନ ଓ ନୂତନ ଶିକ୍ଷାର୍ଥୀଙ୍କ ପରିଚୟ ମଗା ଯାଇଥିବା ଏଡିଏମ୍ ମଲିକ ସୂଚନା ଦେଇଛନ୍ତି ।

# ୧୬ ମାସରେ ଉପକୃତ ୬୮ ପରିବାର

## ରୁଫ୍ ଟପ୍ ସୌର ପ୍ରକଳ୍ପ ଯୋଜନା

- ଟାର୍ଗେଟ ୧କୋଟି ପରିବାର
- ନାହିଁ ସଚେତନତା, ସବ୍‌ସିଡି ବଢ଼ାଇ ପାରୁନି ଆଗ୍ରହ



ନୟାଗଡ଼,୨୧।୬ (ଲୋକନାଥ ମିଶ୍ର)

ନୟାଗଡ଼ ଜିଲାରେ ରୁଫ୍ ଟପ୍ ସୌର ପ୍ରକଳ୍ପରେ ୩୦୦ ୟୁନିଟ୍‌ର ମାଗଣା ବିଜୁଳି ସରକାର ଯୋଗାଉଥିବାବେଳେ ୧୬ ମାସରେ ମାତ୍ର ୬୮ ପରିବାର ସାମିଲ ହେବା ପ୍ରଧାନମନ୍ତ୍ରୀ ସୂର୍ଯ୍ୟଘର ମୁଫ୍‌ତ ବିଜୁଳି ଯୋଜନାର ସଫଳତା ନେଇ ପ୍ରଶ୍ନ ଉଠାଇଛି। ଜିଲାରେ ଚାଲିଥିବା ଯୋଜନାର ସ୍ଥିତିକୁ ଅନୁଧ୍ୟାନ କଲେ ରୁଫ୍ ଟପ୍ ସୌର ପ୍ରକଳ୍ପରେ ୨୦୨୬-୨୭ ଆର୍ଥିକ ବର୍ଷ ସୁଦ୍ଧା ୧ କୋଟି ପରିବାରକୁ ସାମିଲ କରିବା ସମ୍ଭବ ନୁହେଁ ବୋଲି କୁହାଯାଉଛି। ସଂପୃକ୍ତ ଯୋଜନାରେ ୫୫ ହଜାରରୁ ୧ ଲକ୍ଷ ୩୮ ହଜାର ଟଙ୍କା ପର୍ଯ୍ୟନ୍ତ ସବ୍‌ସିଡି ମିଳୁଥିବା ସତ୍ତ୍ୱେ ହିତାଧିକାରୀ କାହିଁକି ମାଗଣା ବିଜୁଳି ଜାଳିବାକୁ ଆଗ୍ରହ ପ୍ରକାଶ କରୁ ନାହାନ୍ତି ତା'ର କାରଣ ଖୋଜା ଯାଉନି। ଏଭଳି ସ୍ଥିତି ଲାଗି ରହିଲେ ଜିଲାରେ ରୁଫ୍ ଟପ୍ ସୌର ପ୍ରକଳ୍ପ ବାଣବଣା ହୋଇଯିବ ବୋଲି ଏବେଠାରୁ ଜଣାପଡିଲାଣି ବୋଲି ମତ ପ୍ରକାଶ ପାଇଛି।

ରୁଫ୍ ଟପ୍ ସୌର ପ୍ରକଳ୍ପ ନୟାଗଡ଼ ଜିଲାରେ ୨୦୨୪ ଫେବୃଆରୀ ୧୩ରୁ ଆରମ୍ଭ ହୋଇଛି। ଏହା ୨୦୨୬-୨୭ ଆର୍ଥିକ ବର୍ଷ ପର୍ଯ୍ୟନ୍ତ ଚାଲିବ। ଯୋଜନାରେ ୧ କୋଟି ପରିବାରକୁ ରୁଫ୍ ଟପ୍ ସୌର ପ୍ରକଳ୍ପରେ ସାମିଲ କରାଯିବାକୁ ଲକ୍ଷ୍ୟ ରହିଛି। ଏଥିପାଇଁ ସରକାର ୭୫ କୋଟି ୨୧ ଲକ୍ଷ ଟଙ୍କା ମଞ୍ଜୁର କରିଛନ୍ତି। ଯୋଜନାରେ ସାମିଲ ହେଲେ ମାସକୁ ୩୦୦ ୟୁନିଟ୍ ପର୍ଯ୍ୟନ୍ତ ବିଜୁଳି ମାଗଣା ଦେଉଛନ୍ତି। ପ୍ରତି ଘର ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ସବ୍‌ସିଡ୍ ଦେଉଛନ୍ତି। ୧ କିଲୋୱାଟର ପ୍ରକଳ୍ପ କଲେ ୫୫ ହଜାର ଟଙ୍କା ସବସିଡ୍ ମିଳୁଛି। ଏଥିରେ କେନ୍ଦ୍ର ସରକାରଙ୍କ ୩୦ ହଜାର ଓ ରାଜ୍ୟ ସରକାରଙ୍କର ୨୫ ହଜାର ରହିଛି। ସେହିପରି ୨ କିଲୋୱାଟରେ କେନ୍ଦ୍ର ସରକାରଙ୍କ ୬୦ ହଜାର ଓ ରାଜ୍ୟ ସରକାରଙ୍କର ୫୦ ହଜାର ଏପରି ୧ ଲକ୍ଷ ୧୦ ହଜାର ମିଳୁଥିବାବେଳେ ୩ କିଲୋୱାଟ ପାଇଁ କେନ୍ଦ୍ର ସରକାରଙ୍କର ୭୮ ହଜାର ଓ ରାଜ୍ୟ ସରକାରଙ୍କର ୬୦ ହଜାର ଏପରି ମୋଟରେ ୧ ଲକ୍ଷ ୩୮ ହଜାର ଟଙ୍କା ମିଳୁଛି। ଅନ୍‌ଲାଇନରେ ନାମ ପଞ୍ଜୀକରଣ କରି ଯୋଜନାର ସୁଫଳ ନେଇ ହେବ। ଏହି ଯୋଜନାରେ ସାମିଲ ହେବା ପାଇଁ ଜିଲାରେ ୨୨୧୬ ଆବେଦନ କରିଥିବାବେଳେ ଏଥିରୁ ୧୧୦୯ ଆବେଦନକୁ ମଞ୍ଜୁରି ମିଳିଛି। ଏଥିରୁ ଦଶପଲ୍ଲା ବ୍ଲକରେ ୧୫, ଗଣିଆ ବ୍ଲକରେ ୩, ଖଣ୍ଡପଡ଼ା ବ୍ଲକରେ ୩, ନୟାଗଡ଼ ବ୍ଲକରେ ୨୭, ଓଡ଼ଗାଁରେ ୫, ରଣପୁରରେ ୧୫ ଏପରି ମୋଟରେ ୬୮ ହିତାଧିକାରୀଙ୍କର ରୁଫ୍ ଟପ୍ ସୌର ପ୍ରକଳ୍ପ ହୋଇଛି। ଏନେଇ ନୟାଗଡ଼ର ସୌଦାମିନି ସ୍ୱାଇଁ, ନୂଆଗାଁର ବିକ୍ରମ ପ୍ରଧାନ, ରଣପୁରର କାଦମ୍ବିନୀ ନାୟକ, ଭାପୁରର ବିଶ୍ୱନାଥ ସାହୁଙ୍କ ସୂଚନା ଅନୁସାରେ କେବଳ ଯୋଜନା କରିଦେଲେ ହେବନି। ଯୋଜନା କିପରି ଲୋକ ଜାଣିବେ, ସେଥିରେ ସେମାନଙ୍କ କେତେ ଫାଇଦା ରହୁଛି ସେନେଇ ସଚେତନତା ଦରକାର। ତେବେ ଯୋଜନାର ସଫଳତା ପ୍ରଚାର ପୂର୍ବରୁ ବିଫଳତା ପ୍ରଚାର ଚାଲିଛି। ଯୋଜନାରେ ସାମିଲ ହେଲେ କେବଳ କ୍ଷତି ହିଁ କ୍ଷତି ବୋଲି କୁହାଯାଉଛି। ଯୋଜନାରେ ଲାଭ ନାଁ କ୍ଷତି ସେନେଇ କେହି ସଚେତନତା କରୁ ନାହାନ୍ତି। ଅନ୍ୟପକ୍ଷେ ବିଦ୍ୟୁତ୍ ବିଭାଗର କର୍ମଚାରୀ ହୁଅନ୍ତୁ ଅଥବା ଅଧିକାରୀ ଯୋଜନା ସମ୍ପର୍କରେ ମୁହଁ ଖୋଲୁ ନାହାନ୍ତି। ଏଣୁ ସରକାରୀ ଯୋଜନାର ଅଗ୍ରଗତି ହେବାରେ ବିଳମ୍ବ ଦେଖା ଦେଇଛି ବୋଲି କହିଛନ୍ତି।

### ବ୍ୟବହାର ନ କଲେ ମାଗଣା ୟୁନିଟ୍ ଗାଏବ

ସରକାର ମାଗଣାରେ ମାସକୁ ୩୦୦ ୟୁନିଟ୍ ଦେଉଥିଲେ ହେଁ ବ୍ୟବହାରରେ ଆସୁ ନ ଥିବା ୟୁନିଟ୍ ଗାଏବ ହୋଇ ଯାଉଛି। ଗାଏବ ୟୁନିଟର ଅର୍ଥ ସରକାର ବିଦ୍ୟୁତ କଞ୍ଜୁମରକୁ ଦେଉ ନ ଥିବାର ଅଭିଯୋଗ ଗତ ୧୯ ତାରିଖରେ ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଜିଲା ଉନ୍ନୟନ ସମନ୍ୱୟ ଏବଂ ପର୍ଯ୍ୟାଲୋଚନା କମିଟି ବୈଠକ (ଦିଶା)ରେ ଉଠିଥିଲା। ଜଣେ ସରକାରୀ ଅଧିକାରୀ ଏ ପ୍ରସଙ୍ଗ ଉଠାଇଥିଲେ। ସଭାରେ ବିଦ୍ୟୁତ୍ ବିଭାଗର ନିର୍ବାହୀ ଯନ୍ତ୍ରୀ ଓ ବିଭାଗୀୟ ଅଧିକାରୀ ଆଲୋଚନାରେ ଭାଗ ନେଇଥିଲେ। ହେଲେ ସୋଲାର ଉପଭୋକ୍ତା ତଥା ସରକାରୀ ଅଧିକାରୀଙ୍କୁ ଠିକଣା ଭାବେ ବୁଝାଇ ପାରି ନ ଥିଲେ। ଦିଶା କମିଟିର ଅଧକ୍ଷ ତଥା କଟକ ଏମ୍‌ପି ଭର୍ତ୍ତୃହରି ମହତାବ ବୁଝାଇ କହିଥିଲେ ବ୍ୟବହାର ପରେ ବଳୁଥିବା ୟୁନିଟର ଅର୍ଥ ଗୁଜୁରାଟ, ଆନ୍ଧ୍ର ପରି ରାଜ୍ୟରେ ଉପଭୋକ୍ତା ପାଉଛନ୍ତି। ଓଡ଼ିଶାରେ ଏହି ବ୍ୟବସ୍ଥା ନ ଥିବାରୁ ହିତାଧିକାରୀ ପାଇ ନାହାନ୍ତି। ଓଡ଼ିଶା ସରକାର ଏ ଦିଗରେ କେନ୍ଦ୍ର ସରକାରଙ୍କ ସହ ଆଲୋଚନା କରି ପଦକ୍ଷେପ ନେବେ ବୋଲି କହିଥିଲେ। ତେବେ ପ୍ରଧାନମନ୍ତ୍ରୀ ସୂର୍ଯ୍ୟଘର ମୁଫ୍‌ତ ବିଜୁଳି ଯୋଜନାରେ ପରିବାର ସଂଖ୍ୟା ବୃଦ୍ଧି କରିବାକୁ ବିଦ୍ୟୁତ୍ ବିଭାଗକୁ ପରାମର୍ଶ ଦେଇଥିଲେ।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



@ ଜୟସୁଧା



@ ଜିଶ୍ନାଥ



@ ମୋନାଲିସା

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ଡାଇରିଆ ନିରାକରଣ ସଚେତନତା ପ୍ରଶିକ୍ଷଣ କାର୍ଯ୍ୟକ୍ରମ

ନୂଆଗାଁ,୨୧।୬(ଧନେଶ୍ୱର ସାହୁ)

ନୟାଗଡ ଜିଲା ନୂଆଗାଁ ବ୍ଲକ ମିଶନ ଶକ୍ତି ଭବନରେ ଶନିବାର ଡାଇରିଆ ନିରାକରଣର ବ୍ଲକ ସ୍ତରୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜଳବାୟୁ ପରିବର୍ତ୍ତନ ଯୋଗୁ ରାଜ୍ୟର ଅନେକ ଜିଲାରେ ଡାଇରିଆ ବ୍ୟାପୁଥିବା ଦେଖିବାକୁ ମିଳୁଛି। ତେଣୁ ଲୋକଙ୍କୁ କିଭଳି ଡାଇରିଆ ନ ହେବ ସେଥିପ୍ରତି ଜନସାଧାରଣ ନିଜେ ସଚେତନ ହେବାର ଆବଶ୍ୟକତା ରହିଛି। ତେଣୁ ବର୍ତ୍ତମାନ ସମୟରେ ଡାଇରିଆରୁ ରକ୍ଷା ପାଇବା ପାଇଁ ଖାଦ୍ୟ ଓ ଜଳକୁ ସୁରକ୍ଷିତ ରଖିବା ସହ ପାନୀୟ ଜଳକୁ ଫୁଟାଇ ପିଇବା, ସ୍ୱଚ୍ଛତା ପ୍ରତି ଧ୍ୟାନ ଦେବା ସହ ନିଜେ ରହୁଥିବା ପରିବେଶକୁ ସଫାସୁତରା ରଖିବା। ତେବେ ଏସବୁ ପାଳନ ପରେ ଯଦି କୌଣସି ବ୍ୟକ୍ତିଠାରେ ଡାଇରିଆର ଲକ୍ଷଣ ଦେଖାଦିଏ ତା'ହେଲେ କଣ କରିବାକୁ ପଡିବାକୁ ପଡିବ ସେ ବାବଦରେ ନୂଆଗାଁ ସିଡିପିଓ ଶୁଭ୍ରକେଶୀ ମଲିକ ଓ ମିଶନ ଶକ୍ତି ବିପିସି ସୌମ୍ୟ ଶାଶ୍ୱତ ମିଶ୍ର ଉପସ୍ଥିତ ମହିଳାମାନଙ୍କୁ ବୁଝାଇ ଥିଲେ। ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ପ୍ରତି ପଞ୍ଚାୟତ ମହାସଂଘର ୪ ଜଣ ମହିଳାଙ୍କୁ ପ୍ରଶିକ୍ଷଣ ଦିଆଯାଇଥିଲା। ତେବେ ପ୍ରଥମ ଦିନରେ ୧୧ ଗୋଟି ପଞ୍ଚାୟତର ୪୪ ଜଣ ମହିଳାଙ୍କୁ ତାଲିମ ପ୍ରଦାନ କରାଯାଇଥିଲା। ତାଲିମ ପାଇଥିବା ଉକ୍ତ ମହିଳାମାନେ ନିଜ ପଂଚାୟତରେ ଜନ ସଚେତନତା କରାଇବା ପାଇଁ କୁହାଯାଇଥିଲା। କାର୍ଯ୍ୟକ୍ରମରେ ସିଡିପିଓ, ବିପିସି ଓ ଅଙ୍ଗନବାଡି ସୁପରଭାଇଜରମାନେ ଉପସ୍ଥିତ ଥିଲେ।




ସଚେତନତା ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ବିଭାଗୀୟ ଅଧିକାରୀ।

## ସଚେତନତା ପାଇଁ ଅଧିକାରୀଙ୍କ ପାଖରେ ସମୟ ନାହିଁ




ନୂଆଗାଁ ବ୍ଲକରେ ସଚେତନତା କାର୍ଯ୍ୟକ୍ରମ

ନୂଆଗାଁ ୨୧।୬ (ଧନେଶ୍ୱର ସାହୁ)

ନୟାଗଡ ଜିଲା ନୂଆଗାଁ ବ୍ଲକ କାର୍ଯ୍ୟାଳୟଠାରେ ଶନିବାର ଅବକାରୀ ବିଭାଗ ପକ୍ଷରୁ ନିଶାଦ୍ରବ୍ୟ ତଥା ଅପମିଶ୍ରିତ ଓ ବିଷାକ୍ତ ମାଦକ ଦ୍ରବ୍ୟ ବିରୋଧରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସରକାରଙ୍କ ଯୋଜନାକୁ ଲୋକଙ୍କ ପାଖରେ ପହଞ୍ଚାଇବା ତଥା ଜନସାଧାରଣଙ୍କ ହିତ ଉଦ୍ଦେଶ୍ୟରେ ଅନେକ ବାର୍ତ୍ତା ଲୋକଙ୍କ ନିକଟରେ ପହଞ୍ଚାଇବା ପାଇଁ ସଂପୃକ୍ତ ବିଭାଗ ଜରିଆରେ ଜନ ସଚେତନତା କାର୍ଯ୍ୟକ୍ରମ କରିବା ପାଇଁ ସରକାରଙ୍କ ନିର୍ଦ୍ଦେଶ ରହିଛି। ସେହିକ୍ରମରେ ନିଶା ଦ୍ରବ୍ୟ ତଥା ଅପମିଶ୍ରିତ ମାଦକ ଦ୍ରବ୍ୟ ସେବନ କରିବା ବିରୋଧରେ ଜନ ସଚେତନତା କରାଇବା ପାଇଁ ଅବକାରୀ ବିଭାଗକୁ ଦାୟିତ୍ୱ ପ୍ରଦାନ କରାଯାଇଛି। ତେଣୁ ଶନିବାର ନୂଆଗାଁ ବ୍ଲକରେ ଉକ୍ତ ସଚେତନତା କାର୍ଯ୍ୟକ୍ରମ କରାଯିବ ବୋଲି ସୂଚନା ପ୍ରଦାନ କରାଯାଇଥିଲା। ପ୍ରଥମେ ଓଡ଼ଗାଁ ବ୍ଲକରେ କାର୍ଯ୍ୟକ୍ରମ ଶେଷ କରି ଅପରାହ୍ନ ୧ ଘଟିକା ସମୟରେ ନୂଆଗାଁ ବ୍ଲକରେ କାର୍ଯ୍ୟକ୍ରମ କରାଯିବ ବୋଲି ସ୍ଥିର କରାଯାଇଥିଲା। ତେବେ ନୂଆଗାଁ ବ୍ଲକର ସମସ୍ତ କର୍ମଚାରୀ ଓ ହାତ ଗଣତି କେତେଜଣ ମହିଳାଙ୍କୁ ନେଇ ସଚେତନତା ଶୋଭାଯାତ୍ରା ବ୍ଲକ ପରିସରରୁ ବାହାରିଥିଲା। ସଚେତନତା ଶୋଭାଯାତ୍ରା ବ୍ଲକ କାର୍ଯ୍ୟାଳୟଠାରୁ ମାତ୍ର ୫୦ ମିଟର ଆସି ପୁନର୍ବାର ବ୍ଲକକୁ ଫେରିଥିଲା। ସଚେତନତା କାର୍ଯ୍ୟକ୍ରମ ପୂର୍ବରୁ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବା ନେଇ ସୂଚନା ପ୍ରଦାନ କରିଥିବା ମିଶନ ଶକ୍ତି ବିପିସି ସୌମ୍ୟ ଶାଶ୍ୱତ ମିଶ୍ରଙ୍କୁ କାର୍ଯ୍ୟକ୍ରମ ବାବଦରେ ପଚାରିବାରେ ଅବକାରୀ ବିଭାଗ କର୍ମଚାରୀଙ୍କ ପାଖରେ ସମୟ ନ ଥିବାରୁ ସେମାନେ ତରବରରେ କାର୍ଯ୍ୟକ୍ରମ ସାରି ପକାଇଲେ ବୋଲି କହିଛନ୍ତି। ତରବରରେ ୫୦ ମିଟରରେ ସଚେତନତା ଶୋଭାଯାତ୍ରା ସାରିଦେବା ବାବଦରେ ନୟାଗଡ଼ ଅବକାରୀ ବିଭାଗ ଭାରପ୍ରାପ୍ତ ଅଧିକାରୀ ଚିନ୍ମୟ ଦଳେଇଙ୍କୁ ପଚାରିବାରେ ଶୋଭାଯାତ୍ରା ପାଇଁ ଓଡ଼ଗାଁ ବ୍ଲକରେ ବିଳମ୍ବ ହୋଇଗଲା। ଅନେକ କାର୍ଯ୍ୟକ୍ରମ ମଧ୍ୟ ରହିଥିଲା। ନୂଆଗାଁରେ ଶୋଭାଯାତ୍ରା ପାଇଁ ଆମେ ପୋଲିସ ସୁରକ୍ଷା ନେଇ ନ ଥିଲୁ। ଗାଁ ଥିଲେ ଆମେ ଆଉ ଅଧିକ ବାଟ ଶୋଭାଯାତ୍ରା କରିଥାଆନ୍ତୁ ବୋଲି କହିଛନ୍ତି ଅବକାରୀ ଭାରପ୍ରାପ୍ତ ଅଧିକାରୀ ଦଳେଇ। ଏହି ସଚେତନତା କାର୍ଯ୍ୟକ୍ରମରେ ଆୟୋଜକ ନୟାଗଡ଼ ଅବକାରୀ ବିଭାଗ ଭାରପ୍ରାପ୍ତ ଅଧିକାରୀ ଦଳେଇ, ଏସଆଇ ବାଦଲ ସାମଲ, ଏଏସଆଇ ସୁଧିର କୁମାର ମଲିକ, ନୂଆଗାଁ ଏବିଡିଓ ସ୍ୱଦେଶ ରଞ୍ଜନ ଶତପଥୀ, ସହକାରୀ ନିର୍ବାହୀ ଯନ୍ତ୍ରୀ ରାଜେନ୍ଦ୍ର ପ୍ରସାଦ ପଣ୍ଡା, ମିଶନ ଶକ୍ତି ବିପିସି ମିଶ୍ର, ଓଡିଶା ଜୀବିକା ମିଶନ ବିପିସି ପଙ୍କଜିନୀ ସାହୁ, ପ୍ରିୟଙ୍କା ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ଗୋଲେଇ ଟ୍ରାଫିକ୍ ଛକରେ ଗର୍ତ୍ତ

ନୟାଗଡ଼,୨୧।୬(ଲୋକନାଥ ମିଶ୍ର)

ବଲାଙ୍ଗୀର-ଖୋର୍ଦ୍ଧା ୫୭ନଂ.ଜାତୀୟ ରାଜପଥ ଉପରେ ନୟାଗଡ଼ରୁ ଖଣ୍ଡପଡ଼ା, ନୟାଗଡ଼ରୁ ଦଶପଲ୍ଲା, ନୟାଗଡ଼ରୁ ଓଡ଼ଗାଁ ଓ ନୟାଗଡ଼ରୁ ଖୋର୍ଦ୍ଧାକୁ ସଂଯୋଗ କରୁଥିବା ଚାରି ଛକରେ ଉର୍ଦ୍ଦିଷ୍ଟ ସ୍ଥାନରେ ଗୋଲେଇ ଟ୍ରାଫିକ ରହିଛି। ଗୋଲେଇ ଟ୍ରାଫିକକୁ ଲାଗି ବଡ଼ ଗର୍ତ୍ତ ହୋଇଛି। ନିକଟରେ ଟ୍ରାଫିକ ପୋଲିସ ମୁତୟନ ସତ୍ତ୍ୱେ ଗତ ୫ଦିନ ମଧ୍ୟରେ ୧୫ରୁ ଉର୍ଦ୍ଧ୍ୱ ଦୁର୍ଘଟଣା ଘଟି ସାରିଲାଣି। ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗର ଖାମଖିଆଲି ମନୋଭବ ଯୋଗୁ ବଢୁଛି ଦୁର୍ଘଟଣା। ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ ପକ୍ଷରୁ ଟ୍ରାଫିକ ଛକରେ ରାସ୍ତା ତଳେ ମେଗା ପନୀୟ ଜଳ ପ୍ରକଳ୍ପର ପାଇପ ଯାଉଛି। ସଂପୃକ୍ତ ସ୍ଥାନରେ ଗର୍ତ୍ତ କରି ପାଇପ୍ କାମ କରାଯାଇଥିଲା। ତେବେ ନିମ୍ନମାନର କାମ ଯୋଗୁ ଗର୍ତ୍ତ ହୋଇଛି। ଟ୍ରାଫିକ ଛକରେ ଗର୍ତ୍ତ ରହିଥିଲେ ମଧ ମରାମତି କାମ କରିବାକୁ ନାଁ ଧରୁନି ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ ବୋଲି ଅଭିଯୋଗ ହୋଇ ଆସୁଛି।

## ବାଇକ୍ ଚୋରି ଅଭିଯୋଗ

### ୨ ଯୁବକ ଜେଲ ହାଜତକୁ ଗଲେ

ଓଡଗାଁ,୨୧।୬ (ଆଦର୍ଶ କୁମାର ପଟ୍ଟନାୟକ)

ନୟାଗଡ଼ ଜିଲା ଓଡ଼ଗାଁ ଥାନା ନନ୍ଦିଘୋର ଗାଆଁରୁ ବାଇକ୍ ଚୋରି ଘଟଣାରେ ସେହି ଗାଁର ୨ ଜଣ ଯୁବକଙ୍କୁ ଓଡ଼ଗାଁ ପୋଲିସ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଥିଲେ। ଜାମିନ ଖାରଜ ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସେମାନେ ହେଲେ ନନ୍ଦିଘୋର ଗ୍ରାମର ଶୁଭମ ରାଉତ(୨୧) ଏବଂ ଗୁନା ମହାରଣା(୨୧)। ପୋଲିସ ଏମାନଙ୍କ ଠାରୁ ଓଡି ୦୨ଡି ୮୫୬୨ ନମ୍ବର ବିଶିଷ୍ଟ ଚୋରି ବାଇକ ଜବତ କରିବା ସହିତ ସେମାନେ ବ୍ୟବହାର କରୁଥିବା ଓଡି ୨୫ କ୍ୟୁ ୨୩୪୧ ବୁଲେଟ ଏବଂ ଆଇଫୋନ ୧୫, ୨ ସ୍ମାର୍ଟ ଫୋନ ଜବତ କରିଛି। ଗତ ୧୪ ତାରିଖ ରାତିରେ ରବିବାର ଅଭିମନ୍ୟୁ ରାଉତଙ୍କ ବାରଣ୍ଡାରେ ବାଇକ୍‌ଟି ଚୋରି ହେଇଥିବା ନେଇ ଖୋଜା ଖୋଜି ପରେ ୧୯ ତାରିଖରେ ଓଡ଼ଗାଁ ଥାନାରେ ଅଭିଯୋଗ ହୋଇଥିଲା। ଓଡ଼ଗାଁ ପୋଲିସ ୧୮୨/୨୫ ରେ ଚୋରି ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରି ବିଭିନ୍ନ ଥାନାକୁ ଖବର କରିଥିଲେ। ୨୦ ତାରିଖରେ ଖଣ୍ଡଗିରି ପୋଲିସ ବାଇକ ସହିତ ଅଭିଯୁକ୍ତମାନଙ୍କୁ ନିଜ ହେପାଜତକୁ ନେଇଥିଲେ। ଖବର ପାଇ ଓଡ଼ଗାଁ ଥାନା ସବ ଇନ୍ସପେକ୍ଟର ଚକ୍ରଧର ସିଂ ଭୁବନେଶ୍ୱର ଖଣ୍ଡଗିରି ଥାନାରେ ପହଞ୍ଚିବା ପରେ ଖଣ୍ଡଗିରି ପୋଲିସ ୨ ଅଭିଯୁକ୍ତଙ୍କ ବାଇକ୍‌ଗୁଡ଼ିକ ହସ୍ତାନ୍ତର କରିଛି।



ଗିରଫ ଦୁଇ ଯୁବକ ଓ ଜବତ ବାଇକ୍।

## ଗାଡ଼ି ପାର୍କିଂର ସମୟ ଅବଧି କମାଇ ନିଲାମ ପାଇଁ ବ୍ୟବସ୍ଥା

ଖଣ୍ଡପଡ଼ା,୨୧।୬(ଅଜୟ କୁମାର ମହାରଣା)

ଶ୍ରୀନୀଳମାଧବଙ୍କ ପ୍ରମୁଖ ମାଘମେଳା ଭୈମୀ (ଏକାଦଶୀ) ମାଘ ଏକାଦଶୀ ତିଥିଠାରୁ ପ୍ରାୟ ୧୫ ଦିନରୁ ଊର୍ଦ୍ଧ୍ୱ ସମୟ ମହାସମାରୋହରେ କଣ୍ଟିଲୋ ଫାଣ୍ଡି ନିକଟ ମାଘମେଳା ପଡିଆରେ ପାଳିତ ହୋଇଥାଏ। ତେବେ ନୀଳମାଧବ ଜୀଉଙ୍କ ଏହି ଯାତ୍ରାଙ୍ଗୀ ପାଇଁ ସଂରକ୍ଷିତ ରହିଥିବା ମାଘମେଳା ପଡିଆକୁ ୨୦୨୨ ମସିହାରେ ନୀଳମାଧବଙ୍କ ବିକାଶ ପ୍ରକଳ୍ପରେ ସାମିଲ କରାଯାଇ ମାଘମେଳା ପଡିଆର ଉନ୍ନତିକରଣ କରାଯାଇ ଏହାକୁ ଯାନବାହନ ପାର୍କିଂ ପାଇଁ ବ୍ୟବସ୍ଥା କରାଯାଇଛି। ଦୀର୍ଘ ୩ ବର୍ଷ ଅତିବାହିତ ହୋଇଯାଇଥିଲେ ମଧ ବିକାଶ ପ୍ରକଳ୍ପ କାର୍ଯ୍ୟ ସଂପନ୍ନ ହୋଇ ନ ଥିବା ବେଳେ ସଂପୃକ୍ତ ମାଘମେଳା ପଡିଆକୁ ଯାନବାହନ ପାର୍କିଂ ବ୍ୟବସ୍ଥା କରାଯାଇଛି। ଫଳରେ ଆବହମାନ କାଳରୁ ମାଘମେଳା ପଡିଆରେ ଅନୁଷ୍ଠିତ ହୋଇ ଆସୁଥିବା ନୀଳମାଧବ ଜୀଉଙ୍କ ମାଘମେଳା ନିକଟସ୍ଥ ପଲଟନ ପଡିଆରେ କରାଯାଉଥିବାରୁ ପାରମ୍ପରିକ ମେଳା କ୍ରମଶଃ ଏହାର ସତା ହରାଇବାକୁ ବସିଥିବା ବେଳେ ମେଳାକୁ ଆସୁଥିବା ବିଭିନ୍ନ ବ୍ୟବସାୟ ପ୍ରତିଷ୍ଠାନ ଜନସାଧାରଣଙ୍କ ସେପରି ଉପସ୍ଥିତି ନ ଥିବାରୁ କ୍ଷତିର ସମ୍ମୁଖିନ ହେଉଛନ୍ତି। ଏହି ମେଳାକୁ ପୂର୍ବ ପରି ମାଘମେଳା ପଡିଆରେ କରାଯିବାକୁ ଅଞ୍ଚଳବାସୀ ବାରମ୍ବାର ଦାବି କରି ଆସୁଥିଲେ ମଧ ପରମ୍ପରାକୁ ବୁଡାଇ ବ୍ୟବସାୟ ମତଲବ ରଖି ଏହାକୁ ଗାଡି ପାର୍କିଂ ନିମନ୍ତେ ଅନୁମତି ଦେଉଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଛି।

ତେବେ ଚଳିତ ବର୍ଷ ଏହି ସ୍ଥାନକୁ ଖଣ୍ଡପଡା ଦେବୋତ୍ତର ବିଭାଗ ପକ୍ଷରୁ ୨୦୨୫ ଜୁନ ୨୦ ତାରିଖଠାରୁ ଆସନ୍ତା ୨୦୨୬ ଜୁନ ୧୯ ତାରିଖ ପର୍ଯ୍ୟନ୍ତ ଗାଡି ପାର୍କିଂ ନିମନ୍ତେ ନିଲାମ କରାଯିବାକୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଏହି ବିଜ୍ଞପ୍ତି କ୍ରମେ ପାରମ୍ପରିକ ମାଘମେଳା ଏହି ପାର୍କିଂ ସ୍ଥଳରେ ଅନୁଷ୍ଠିତ କରାଯିବ ବୋଲି ସୂଚନା ରହିଥିବା ବେଳେ ମେଳା ମହୋତ୍ସବ ସମୟରେ ଅନ୍ୟତ୍ର ପାର୍କିଂ ବ୍ୟବସ୍ଥା କରିବାକୁ ନିଲାମ ଧାରୀ ମାନଙ୍କୁ ବିଜ୍ଞପ୍ତି ମଧ୍ୟରେ ସୂଚିତ କରାଯାଇଛି। ଏହାଛଡା ବହୁ ଅଭିଯୋଗ ପରେ ନିଲାମଧାରୀମାନେ ପ୍ରଶାସନ ପକ୍ଷରୁ ନିଲାମର ସର୍ବନିମ୍ନ ମୂଲ୍ୟ ୨୨ ଲକ୍ଷ ଧାର୍ଯ୍ୟ କରାଯାଇଥିବା ବେଳେ ଏହାର ୧୦ ପ୍ରତିଶତ ଅମାନତ ଅର୍ଥ ଡ୍ରାଫ୍ଟ ମାଧ୍ୟମରେ ଜମା କରାଯିବାକୁ ନିର୍ଦ୍ଦେଶ ରହିଛି। ଦେବୋତ୍ତର ବିଭାଗ ପକ୍ଷରୁ ମାଘମେଳାକୁ ଗୁରୁତ୍ୱ ଦିଆଯାଇ ପାରମ୍ପରିକ ମେଳା କରାଯିବାକୁ ପ୍ରଶାସନ ପକ୍ଷରୁ ବ୍ୟବସ୍ଥା କରାଯାଇଥିବାରୁ ନୀଳମାଧବପ୍ରେମୀ ଶ୍ରଦ୍ଧାଳୁ ତଥା ଅଞ୍ଚଳବାସୀଙ୍କ ମଧ୍ୟରେ ଆନନ୍ଦ ପ୍ରକାଶ ପାଇଛି।

ସୂଚନାଯୋଗ୍ୟ, ଓଡିଶା ସେତୁ ନିର୍ମାଣ ନିଗମ ନିର୍ଦ୍ଦେଶ କ୍ରମେ ବଂଶଲ ପ୍ରାଇଭେଟ ଇନ୍‌ଫ୍ରା ଷ୍ଟ୍ରକଚର ସଂସ୍ଥା ମିଳିତ ଭାବେ ମାଘମେଳା ପଡିଆକୁ ଫେବର ଲୋବା ଟାଇଲ ବିଛାଯାଇ ଯାନବାହନ ପାର୍କିଂ ସ୍ଥଳରେ ପରିଣତ କରାଯାଇଛି। ଚଳିତ ବର୍ଷ କଂଟିଲୋ ଶ୍ରୀ ନୀଳମାଧବ ଜୀଉଙ୍କ ଦର୍ଶନ ନିମନ୍ତେ ପ୍ରତ୍ୟେହ ଶତାଧିକ ଯାନବାହନରେ ପର୍ଯ୍ୟଟକ ଆସୁଥିବା ବେଳେ ପାର୍କିଂ ସ୍ଥଳ ପରିପୂର୍ଣ୍ଣ ରହୁଛି। ଫଳରେ ଏହି ପାର୍କିଂ ଯୋଗୁଁ ରାଜସ୍ୱ ବୃଦ୍ଧିପାଇବାର ସମ୍ଭାବନା ରହିଛି। ତେଣୁ ଚଳିତ ବର୍ଷ ଏହି ପାର୍କିଂ ନିଲାମ ପାଇଁ ବହୁ ବ୍ୟକ୍ତି ନିଲାମ ପାଇଁ ଟେଣ୍ଡର ପକାଇବାର ଆଶା କରାଯାଉଛି। ଏହି ପାର୍କିଂ ଟେଣ୍ଡର ପକାଇବାର ଶେଷ ତାରିଖ ଆସନ୍ତା ୨୪ ତାରିଖକୁ ଧାର୍ଯ୍ୟ କରାଯାଇଥିବା ବେଳେ ଆସନ୍ତା ୨୫ ତାରିଖରେ ଟେଣ୍ଡର ଖୋଲାଯିବା ପାଇଁ ପ୍ରଶାସନିକ ସ୍ତରରେ ସମୟ ଧାର୍ଯ୍ୟ କରାଯାଇଥିବା ଜଣାଯାଇଛି।



ଗାଡ଼ି ପାର୍କିଂ ସ୍ଥଳ।

### ମାଘମେଳା ସମୟରେ ଅନ୍ୟତ୍ର ଗାଡି ପାର୍କିଂ ପାଇଁ ବ୍ୟବସ୍ଥା କରାହେବ

